# ECHO OF HIS CALL

ECHO OF HIS CALL 1969-2019 GOLDEN JUBILEE

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, JULY 2020 | No. 6


## ପବିତ୍ର ବାଇବଲ

(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର ।

(ଗୀତସଂହିତା ୬୪:୧–୧୦)

୧. ହେ ପରମେଶ୍ୱର, ମୋ' କାକୂକ୍ତିର ରବ ଶ୍ରବଣ କର; ଶତ୍ରୁ ଭୟରୁ ମୋ' ଜୀବନ ରକ୍ଷା କର ।

୨. କୁକର୍ମକାରୀମାନଙ୍କ ଗୁପ୍ତ ମନ୍ତ୍ରଣାରୁ, ଅଧର୍ମାଚାରୀ–ମାନଙ୍କ କଳହରୁ ମୋତେ ଲୁଚାଇ ରଖ;

୩. ସେମାନେ ଖଡ୍‌ଗ ପରି ଆପଣା ଜିହ୍ୱା ଶାଣିତ କରିଅଛନ୍ତି

୪. ଏବଂ ଆପଣାମାନଙ୍କ କଟୁବାକ୍ୟରୂପ ତୀର ଲକ୍ଷ୍ୟ କରିଅଛନ୍ତି; ଯେପରି ସିଦ୍ଧ ଲୋକଙ୍କ ପ୍ରତି ଗୋପନରେ ନିକ୍ଷେପ କରି ପାରିବେ; ସେମାନେ ହଠାତ୍ ତାହା ପ୍ରତି ନିକ୍ଷେପ କରନ୍ତି ଓ ଭୟ କରନ୍ତି ନାହିଁ ।

୫. ସେମାନେ କୁସଂକଳ୍ପରେ ଆପଣା ଆପଣାକୁ ବଳିଷ୍ଠ କରନ୍ତି; ସେମାନେ ଗୋପନରେ ଫାନ୍ଦ ପାତିବାକୁ କଥାବାର୍ତ୍ତା କରନ୍ତି; ସେମାନେ କହନ୍ତି, ଆମ୍ଭମାନଙ୍କୁ କିଏ ଦେଖିବ ?

୬. ସେମାନେ ଅଧର୍ମ କଳ୍ପନା କରନ୍ତି; ଆମ୍ଭେମାନେ ଯତ୍ନପୂର୍ବକ କଳ୍ପନା ସିଦ୍ଧ କରିଅଛୁ ବୋଲି ସେମାନେ କହନ୍ତି; ଆଉ, ପ୍ରତ୍ୟେକର ଆନ୍ତରିକ ଭାବ ଓ ହୃଦୟ ଗଭୀର ।

୭. ମାତ୍ର ପରମେଶ୍ୱର ସେମାନଙ୍କ ପ୍ରତି ନିକ୍ଷେପ କରିବେ; ସେମାନେ ତୀରରେ ହଠାତ୍ ଆହତ ହେବେ ।

୮. ଏହିରୂପେ ସେମାନେ ନିପାତିତ ହେବେ, ସେମାନଙ୍କ ନିଜ ଜିହ୍ୱା ସେମାନଙ୍କର ବିପକ୍ଷ ହେବ; ସେମାନଙ୍କୁ ଦେଖିବା ଲୋକ ସମସ୍ତେ ମୁଣ୍ଡ ହଲାଇବେ;

୯. ପୁଣି, ସକଳ ମନୁଷ୍ୟ ଭୟ କରିବେ ଓ ସେମାନେ ପରମେଶ୍ୱରଙ୍କ କର୍ମ ପ୍ରକାଶ କରିବେ ଓ ତାହାଙ୍କର କ୍ରିୟା ସୁବିବେଚନା କରିବେ ।

୧୦. ଧାର୍ମିକ ଲୋକ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବ ଓ ତାହାଙ୍କର ଶରଣାଗତ ହେବ । ପୁଣି, ସରଳାନ୍ତଃକରଣ ସମସ୍ତେ ଦର୍ପ କରିବେ ।

## "ହେ ଦେଶ, ଭୟ କର ନାହିଁ, ଉଲ୍ଲସିତ ହୋଇ ଆନନ୍ଦ କର, କାରଣ ସଦାପ୍ରଭୁ ମହତ୍ କର୍ମମାନ କରିଅଛନ୍ତି" (ଯୋୟେଲ ୨:୨୧)

## "Fearnot, O Land, be glad and rejoice, for the Lord has done marvelous things" (Joel 2:21)

– ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍–

ଜଗତ ବର୍ତ୍ତମାନ ଏପରି ସର୍ବାଧିକ କଷ୍ଟକର ସମୟ ମଧ୍ୟ ଦେଇ ଗତି କରୁଛି, ଯାହାକୁ ଏହା ପୂର୍ବରୁ କେବେ ଦେଖି ନ ଥିଲା । ଚତୁର୍ଦ୍ଦିଗରେ ଦୁର୍ଭିକ୍ଷ, କୀଟ, ଯୁଦ୍ଧ, ବନ୍ୟା, ଭୂମିକମ୍ପ, ଅଗ୍ନିଉଦ୍‌ଗୀରଣ, ଇତ୍ୟାଦି ଦେଖା ଦେଉଛି, ମାତ୍ର ସାଂପ୍ରତିକ ବିଶ୍ୱବ୍ୟାପୀ ମହାମାରୀ, କରୋନା (କୋଭିଡ୍–୧୯) ଭୂତାଣୁର ଆକ୍ରମଣ ପ୍ରକୃତ ଭାବରେ ଜଗତକୁ ସ୍ତବ୍ଧ କରିଦେଇଛି, ପୃଥିବୀର ପ୍ରାୟ ସମସ୍ତ ଦେଶ ତାଲା–ବନ୍ଦ ଘୋଷଣା କରିଛନ୍ତି ଯେଉଁଠାରେ କେବଳ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀକୁ ଅନୁମତି ମିଳିଛି । କାରାଖାନାଗୁଡ଼ିକ ବନ୍ଦ ହୋଇ ଯାଇଛି, ବିମାନ, ରେଳ, ବସ ଓ ଟ୍ରକ ଚଳାଚଳ ସ୍ଥଗିତ ରହିଛି । କାହିଁକି ? ଏପରିକି କୃଷି କାର୍ଯ୍ୟକୁ ମଧ୍ୟ ବନ୍ଦ କରିଦିଆଯାଇଛି । ସର୍ବୋପରି, ସମସ୍ତ ଗୀର୍ଜାଗୃହ ଓ ସମବେତ ସମାବେଶକୁ ବନ୍ଦ କରାଯାଇଛି। ଆମେ ଆମ ଜୀବନ କାଳ ମଧ୍ୟରେ ଏପରି ଦୃଶ୍ୟ କେବେ ଦେଖି ନ ଥିଲୁ । ଲୋକମାନଙ୍କୁ ସାମାଜିକ ଦୂରତା ରକ୍ଷା କରି, ମାସ୍କ ପିନ୍ଧି ଓ ବାରମ୍ବାର ଜୀବାଣୁନାଶକ ସାବୁନ୍‌ରେ ହାତ ଧୋଇ ଗୃହ ଭିତରେ ଆବଦ୍ଧ ହୋଇ ରହିବାକୁ ପଡୁଛି ।

### ଭୂତାଣୁ :

ଆମେ ସ୍ୱାନିଶ ଫ୍ଲୁ, ମରବର୍ଗ, ବସନ୍ତ, ହଣ୍ଟା, ଡେଙ୍ଗୁ, ଏଡ୍‌ସ୍, ସାର୍ସ, ଜାଇକା, ନୀଫା, ଇବୋଲା ଭଳି ଭୂତାଣୁଗୁଡ଼ିକ ବିଷୟରେ ଶୁଣିଅଛୁ ଓ ଏଗୁଡ଼ିକ ମଧ୍ୟରୁ କିଛି ମାରାତ୍ମକ ଥିଲେ ଓ ଅନେକ ପ୍ରାଣନାଶ କରିଥିଲେ । ମାତ୍ର ଏଗୁଡ଼ିକ ମଧ୍ୟରୁ ବର୍ତ୍ତମାନର କୋଭିଡ୍–୧୯ କେବଳ ଏହାର ମାରାତ୍ମ ସ୍ୱଭାବ ଯୋଗୁ ନୁହେଁ, ମାତ୍ର ଏହାର ଉଚ୍ଚ ସଂକ୍ରମଣର ସମ୍ଭାବନା ଯୋଗୁ ମଧ୍ୟ, ଏହା ସର୍ବାଧିକ ବିପଜ୍ଜନକ ମହାମାରୀ ଅଟେ । ସମଗ୍ର ପୃଥିବୀରେ ମୃତକଙ୍କ ସଂଖ୍ୟା ଲକ୍ଷାଧିକ ଓ ସଂକ୍ରମିତ ସଂଖ୍ୟା କୋଟୀରୁ ଅଧିକ ହେଲାଣି । କିନ୍ତୁ, ଦେଶଗୁଡ଼ିକ ସେମାନଙ୍କ ଲୋକମାନଙ୍କ ମଧ୍ୟରେ ସଚେତନତା ଓ ସମୟୋପଯୋଗୀ ଚିକିତ୍ସା ସୃଷ୍ଟି କରି ବିଜ୍ଞତାପୂର୍ଣ୍ଣ ପଦକ୍ଷେପ ନେବା ଯୋଗୁ, ବିପର୍ଯ୍ୟୟକୁ କିଛି ପରିମାଣରେ ପ୍ରତିରୋଧ କରାଯାଇ ପାରିଛି । ମାତ୍ର ଭୂତାଣୁ ବିଶ୍ୱ ଅର୍ଥନୀତିକୁ ଭଗ୍ନ କରି ଅଗଣିତ ଲୋକଙ୍କୁ ବେରୋଜଗାର କରିସାରିଲାଣି ।

ଇଟାଲୀ, ସ୍ପେନ, ଫ୍ରାନ୍ସ, ଇଂଲଣ୍ଡ, ଆମେରିକା, ରୁଷିଆ, ଇରାନ୍ ଭଳି ଦେଶଗୁଡ଼ିକ ଆକ୍ରମଣର ଆଘାତ ସହ୍ୟ କରିଛନ୍ତି । ଭାରତରେ ମଧ୍ୟ ମୃତକ ଓ ସଂକ୍ରମିତଙ୍କ ସଂଖ୍ୟା ସହସ୍ରାଧିକ ହୋଇ ସାରିଲାଣି । ତାମିଲନାଡୁରେ କିଛି ମୃତ୍ୟୁବରଣ କରିଥିବା ବେଳେ ହଜାର ହଜାର ଲୋକ ସଂକ୍ରମିତ ଅଛନ୍ତି । ଭାରତର ସମସ୍ତ ରାଜ୍ୟ କେନ୍ଦ୍ର ସହିତ ସହଯୋଗ କରି ତାଲାବନ୍ଦ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

# ଆହ୍ୱାନର ପ୍ରତିଧ୍ୱନି

**ଆମର ମିଶନ ନିୟମ**

**ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷାକୁ ସମସାମୟିକ ଯୁଗ ନିକଟରେ ବ୍ୟାଖ୍ୟା କରୁ ଓ ଶିକ୍ଷା ଦେଉ ।**

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS




**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.
**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

## ସଂପାଦକୀୟ..



**"... ଆମ୍ଭେ ସଦାପ୍ରଭୁ, ତୁମ୍ଭ ପରମେଶ୍ୱର, ତୁମ୍ଭକୁ ଉପକାର ଜନକ ଶିକ୍ଷା ଦେଉ, ତୁମ୍ଭର ଗନ୍ତବ୍ୟ ପଥରେ ତୁମ୍ଭକୁ ଗମନ କରାନ୍ତି"**
(ଯିଶାଇୟ ୪୮:୧୭) ।

***ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,***

ଆମେ ଆପଣମାନଙ୍କୁ ଜଗତର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ ଜଣାଉଅଛୁ ।

ବର୍ତ୍ତମାନ ମୁଁ ଏହି ପତ୍ର ଲେଖୁଥିବା ସମୟରେ ସମଗ୍ର ପୃଥିବୀର ଲୋକମାନେ କୋଭିଡ୍-୧୯ (କରୋନା) ଭୟରେ ଜୀବନ କାଟୁଛନ୍ତି । ଏହି ମହାମାରୀ ଯୋଗୁ ହଜାର ହଜାର ଲୋକ ମୃତ୍ୟୁବରଣ କରିଛନ୍ତି । ଏହି ରୋଗର ଚିକିତ୍ସା ପାଇଁ ହଜାର ହଜାର ଲୋକ ହୁଏତ ଡାକ୍ତରଖାନାରେ କିମ୍ବା ଗୃହରେ ପୃଥକ୍ ହୋଇ ଜୀବନ କାଟୁଛନ୍ତି । ଏହା ଏକ ଚିନ୍ତାର ବିଷୟ ଅଟେ । ଆମେ ପ୍ରାର୍ଥନା କରିବା ଉଚିତ୍ ଯେପରି ଈଶ୍ୱର ଜଗତର ଲୋକମାନଙ୍କ ପ୍ରତି ଦୟା ଦେଖାଇବେ ଓ ଏହି ମାରାତ୍ମକ ଭୂତାଣୁକୁ ଦୂର କରି ଦେବେ । ଏହି ରୋଗ ଦ୍ୱାରା ଆକ୍ରାନ୍ତ ନିରୀହ ଲୋକମାନଙ୍କର ମୃତ୍ୟୁ ଆମର ହୃଦୟକୁ ଭଗ୍ନ କରିଛି । ସେଥିପାଇଁ, ଏହି ରୋଗର ସଂପ୍ରସାରଣ ବିରୁଦ୍ଧରେ ଲଢ଼ିବା ଆମ ଭଳି ଈଶ୍ୱରଙ୍କ ଲୋକମାନଙ୍କର ଦାୟିତ୍ୱ ଅଟେ । ଖ୍ରୀଷ୍ଟିଆନମାନଙ୍କର ଜୀବନ ଶୈଳୀ, ସେମାନଙ୍କ ଉପାସନା ପଦ୍ଧତି, ସେମାନଙ୍କ ପ୍ରାର୍ଥନା ଶୈଳୀ ଓ ଈଶ୍ୱରଙ୍କ ସେବାକାର୍ଯ୍ୟ କରିବାର ମାର୍ଗ କେବଳ ଆମ ପ୍ରତି ନୁହେଁ, ମାତ୍ର ସର୍ବଶକ୍ତିମାନ ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରତି ମଧ୍ୟ ଅସନ୍ତୋଷଜନକ ଅଟେ । ସେଥିପାଇଁ, ଈଶ୍ୱରଙ୍କ ଦାସମାନଙ୍କ ସମେତ ଈଶ୍ୱରଙ୍କ ଲୋକମାନଙ୍କ ପାଇଁ ଏହା ଅନୁତାପ କରିବାର ସମୟ ଅଟେ ।

ଏହି ମାରାତ୍ମକ ରୋଗ ପାଇଁ ବାଇବଲ ଆଧାରିତ ଦୁଇଟି କାରଣ ଅଛି । ୨ ବଂଶାବଳି ୭:୧୩,୧୪ ପଢ଼ନ୍ତୁ !

"ଆମେ ବୃଷ୍ଟି ନୋହିବା ପାଇଁ ଆକାଶ ରୁଦ୍ଧ କଲେ, କିଅବା ଦେଶ ବିନାଶ କରିବା ପାଇଁ ପଙ୍ଗପାଳମାନଙ୍କୁ ଆଜ୍ଞା ଦେଲେ, ଅଥବା ଆମ୍ଭେ ଆପଣା ଲୋକମାନଙ୍କ ମଧ୍ୟକୁ ମହାମାରୀ ପଠାଇଲେ, ଯେବେ ଆମ୍ଭ ନାମରେ ବିଖ୍ୟାତ ଆମ୍ଭ ଲୋକମାନେ ଆପଣାମାନଙ୍କୁ ନମ୍ର କରି ପ୍ରାର୍ଥନା କରିବେ ଓ ଆମ୍ଭର ମୁଖ ଅନ୍ୱେଷଣ କରି ଆପଣା ଆପଣା କୁପଥରୁ ଫେରିବେ, ତେବେ ଆମ୍ଭେ ସ୍ୱର୍ଗରୁ ଶୁଣିବା ଓ ସେମାନଙ୍କର ପାପ କ୍ଷମା କରିବା ଓ ସେମାନଙ୍କ ଦେଶ ସୁସ୍ଥ କରିବା ।"

ଏହି ପଦଗୁଡ଼ିକୁ ଅନେକ ପ୍ରାର୍ଥନା ସଭାରେ ଉଲ୍ଲେଖ କରାଯାଉଛି । ଲୋକମାନେ ଏହି ପଦଗୁଡ଼ିକୁ ପ୍ରାୟ ଶୁଣୁଥିବାରୁ, ଏଗୁଡ଼ିକ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ଏକ ସାଧାରଣ ବିଷୟ ହୋଇଯାଇଛି ଓ ଲୋକମାନେ ଏହି ପ୍ରାର୍ଥନା ଅନୁରୋଧ ବିଷୟରେ ବାସ୍ତବରେ ଚିନ୍ତିତ ହେଉ ନାହାଁନ୍ତି । ସଦାପ୍ରଭୁ ପରମେଶ୍ୱର ସ୍ପଷ୍ଟଭାବରେ କହିଛନ୍ତି ଯେ ବୃଷ୍ଟିର ଅଭାବ, ପଙ୍ଗପାଳ ଓ କୀଟଦଂଶନ ଜନିତ ରୋଗ ତାଙ୍କ କ୍ରୋଧର ପରିପ୍ରକାଶ ଅଟେ । କେହି ଏହାକୁ ଖଣ୍ଡନ କରିପାରିବ ନାହିଁ ।

ସର୍ବପ୍ରଥମେ, ଯେଉଁ ଖ୍ରୀଷ୍ଟିଆନମାନଙ୍କୁ ଈଶ୍ୱରଙ୍କ ସନ୍ତାନ ବୋଲି କୁହାଯାଇଛି, ସେମାନେ ସଠିକ୍ ମାର୍ଗରେ ଈଶ୍ୱରଙ୍କୁ ଗୌରବ ଦେବା ଭୁଲି ଯାଇଛନ୍ତି ଓ ତାଙ୍କ ନିଜ ଲୋକମାନେ ତାଙ୍କ ଗୌରବକୁ ଅସମ୍ମାନିତ କରିଛନ୍ତି । ମଣ୍ଡଳୀଗୁଡ଼ିକର ଉପାସନା ସଭା ଏପରି ଭାବରେ ପରିଚାଳିତ ହେଉଅଛି ଯେପରି ସେଗୁଡ଼ିକ କୌଣସି ନାଟ୍ୟ ଉତ୍ସବ ଅଟେ । କେତେକ ମଣ୍ଡଳୀ ଉପାସନା କ୍ଲବ ଓ ବ୍ୟବସାୟ କେନ୍ଦ୍ର ଭଳି ମନେହୁଏ, ଉପାସନା ସଭାଗୁଡ଼ିକ ବ୍ୟକ୍ତିମାନଙ୍କର ଇଚ୍ଛା ଓ କଳ୍ପନା ଅନୁସାରେ ପରିବର୍ତ୍ତିତ ହୋଇଅଛି, ସେହି ସଭାଗୁଡ଼ିକରେ କୌଣସି ଶୃଙ୍ଖଳା ନାହିଁ ।

**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners Village English High School Crusades 100 Prayer Warriors Community Development

ପୁରାତନ ସମୟରେ ମଣ୍ଡଳୀଗୁଡ଼ିକର ଶିକ୍ଷା ଓ ଧର୍ମତତ୍ତ୍ୱକୁ ବର୍ତ୍ତମାନ ଅନୁସରଣ କରାଯାଉ ନାହିଁ ଓ ପ୍ରଶଂସା ଓ ଆରାଧନା ନାମରେ ନୃତ୍ୟ ଓ ଗୀତର ପ୍ରଚଳନ କରାଯାଇଛି । ସେଥିପାଇଁ, ସେଗୁଡ଼ିକ ବାସ୍ତବରେ ମଣ୍ଡଳୀ ଉପାସନା କି ନାହିଁ, ତାହା ଆମେ ଚିନ୍ତା କରୁ ।

- ଈଶ୍ୱରଙ୍କ ଲୋକମାନେ **ଠିକ୍** ସମୟରେ ଉପାସନାରେ ଯୋଗ ଦିଅନ୍ତି ନାହିଁ ।
- ଆମର ପୂର୍ବ ପୁରୁଷମାନଙ୍କ ଭଳି, ଆଜିର ମଣ୍ଡଳୀ ସଦସ୍ୟମାନେ **ଗୋଟିଏ ପରିବାର** ଭାବରେ ଗୀର୍ଜ୍ଜାକୁ ଯାଆନ୍ତି ନାହିଁ ।
- ଉପାସନା ସମୟରେ, ପ୍ରାର୍ଥନା, ଗୀତଗାନ, ଏପରିକି ଈଶ୍ୱରଙ୍କ ବାକ୍ୟ ପରିବେଷଣ ହେଉଥିବା ସମୟରେ ଲୋକମାନେ ମୋବାଇଲ, ଲ୍ୟାପ୍‌ଟପ୍ ଇତ୍ୟାଦି ବ୍ୟବହାର କରନ୍ତି ।
- ଆମର ପୂର୍ବ ପୁରୁଷମାନଙ୍କ ଭଳି, ଲୋକମାନେ ବାଇବଲ, ଗୀତବହି ଓ ନୋଟଖାତା ନିଅନ୍ତି ନାହିଁ । ଏହା ପରିବର୍ତ୍ତେ, ସେମାନେ ମୋବାଇଲ ଫୋନ୍‌ରୁ ପଦଗୁଡ଼ିକୁ ପଢ଼ନ୍ତି । ଏପରିକି ପାଳକମାନେ ଓ କେତେକ ମଣ୍ଡଳୀର ସଦସ୍ୟମାନେ ଗୀତ ଗାଇବା ପାଇଁ ଓ ବାକ୍ୟ ପଢ଼ିବା ପାଇଁ ସେମାନଙ୍କ ମୋବାଇଲ ବ୍ୟବହାର କରନ୍ତି ।
- ଗୀର୍ଜ୍ଜାକୁ ଆସୁଥିବା କେତେକ ବ୍ୟକ୍ତି ଉପାସନା ସମୟରେ ବାହାରେ ଠିଆ ହୋଇ ଉପାସନାକୁ ଅସମ୍ମାନିତ କରନ୍ତି । କେତେକ ବ୍ୟକ୍ତି ଚା' ଦୋକାନକୁ, ଏପରିକି ମଦ୍ୟ ଦୋକାନକୁ ମଧ୍ୟ ଯାଆନ୍ତି ।
- ଉପାସନା ଶେଷ ହେବା ମାତ୍ରେ, କେତେକ ସଦସ୍ୟ ପାଳକଙ୍କୁ ସମାଲୋଚନା କରନ୍ତି ଓ ମଣ୍ଡଳୀରେ କିଏ ମୁଖ୍ୟ ବ୍ୟକ୍ତି, ଏହା ପ୍ରମାଣ କରିବା ପାଇଁ ସେମାନଙ୍କ ବିରୁଦ୍ଧରେ କଥା କହନ୍ତି ।
- କେତେକ ଲୋକ ମଣ୍ଡଳୀ ଭିତରେ ରାଜନୀତି କରନ୍ତି ଓ ନିଜ ନିଜର ଶକ୍ତି ପ୍ରମାଣ କରିବା ପାଇଁ ବାଇବଲ ଶିକ୍ଷା ନାମରେ ପରସ୍ପର ସହିତ ତର୍କ କରନ୍ତି ।
- କେତେକ ବ୍ୟକ୍ତି ସେମାନଙ୍କର ଅତ୍ୟାଧୁନିକ ପୋଷାକ ଓ ଅଳଙ୍କାର ପ୍ରଦର୍ଶନ କରିବା ପାଇଁ ଆଗ୍ରହୀ ଅଟନ୍ତି ।
- ଅନ୍ୟ କେତେକ ସେମାନଙ୍କର ମତଭେଦ ଗୁଡ଼ିକୁ ଥାନା, ଏପରିକି ଅଦାଲତକୁ ନିଅନ୍ତି ।

## ଏହିସବୁ ବିଷୟ କିପରି ଭାବେ ଆମର ଜୀବିତ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବ ?

### ଈଶ୍ୱରଙ୍କ ସେବାକାର୍ଯ୍ୟରେ ଥିବା ଈଶ୍ୱରଙ୍କ ଦାସମାନଙ୍କ ବିଷୟରେ ବାଇବଲ କ'ଣ କହେ ?

*''ମାତ୍ର ଦୁଷ୍ଟକୁ ପରମେଶ୍ୱର କହନ୍ତି, ଆମ୍ଭର ବିଧି ପ୍ରଚାର କରିବାକୁ ଓ ତୁମ୍ଭେ ଯେ ଆମ୍ଭର ନିୟମ ଆପଣା ମୁଖରେ ନେଇଅଛ, ତୁମ୍ଭର କି ଅଧିକାର ? କାରଣ ତୁମ୍ଭେ ଶିକ୍ଷା ଘୃଣା କରୁଅଛ ଓ ଆମ୍ଭ ବାକ୍ୟ ଆପଣା ପଛେ ପକାଇ ଦେଇଅଛ । ଚୋରକୁ ଦେଖିଲେ, ତୁମ୍ଭେ ତାହା ସଙ୍ଗେ ସମ୍ମତ ହୋଇଅଛ ଓ ବ୍ୟଭିଚାରୀମାନଙ୍କର ସହଭାଗୀ ହୋଇଅଛ, ତୁମ୍ଭେ ମନ୍ଦ ବିଷୟରେ ଆପଣା ମୁଖ ବଢ଼ାଉଅଛ ଓ ତୁମ୍ଭର ଜିହ୍ୱା ପ୍ରବଞ୍ଚନା କଳ୍ପନା କରେ । ତୁମ୍ଭେ ଆପଣା ଭାଇ ବିରୁଦ୍ଧରେ ବସି କଥା କହୁଅଛ, ତୁମ୍ଭେ ଆପଣା ମାତୃପୁତ୍ରର ନିନ୍ଦା କରୁଅଛ । ତୁମ୍ଭେ ଏହିସବୁ କରି ଆସିଅଛ ଓ ଆମ୍ଭେ ନୀରବ ହୋଇ ରହିଅଛୁ, ତହିଁରେ ଆମ୍ଭେ ସର୍ବତୋଭାବେ ତୁମ୍ଭ ପରି ବୋଲି ତୁମ୍ଭେମ ଅନୁମାନ କରିଅଛ, ମାତ୍ର ଆମ୍ଭେ ତୁମ୍ଭକୁ ଅନୁଯୋଗ କରିବା ଓ ତାହାସବୁ ତୁମ୍ଭ ସାକ୍ଷାତ୍‌ରେ ସଜାଇ ରଖିବା'' (ଗୀତସଂହିତା ୫୦:୧୬–୨୧) ।*

**ଯେଉଁ ପ୍ରଭୁ ତାଙ୍କ କାର୍ଯ୍ୟ ପାଇଁ ଆମକୁ ଆହ୍ୱାନ କରିଛନ୍ତି, ସେ ଆମ ପ୍ରତି ଓ ଆମର ଉପାସନା ପ୍ରତି ଅସନ୍ତୁଷ୍ଟ ହୋଇଛନ୍ତି ଓ ସେଥିପାଇଁ ଗୀର୍ଜ୍ଜା ଗୃହଗୁଡ଼ିକୁ ବନ୍ଦ କରିବା ପାଇଁ ଅନୁମତି ଦେଇ ଆମ ଉପାସନା ପ୍ରତି ନିଜର ମୁଖ ଫେରାଇ ନେଇଛନ୍ତି । ଏପରିକି ବିଶ୍ରାମବାରରେ ସୁଦ୍ଧା, ଆମେ ଆମ ନିଜର ଗୀର୍ଜ୍ଜା ଗୃହଗୁଡ଼ିକୁ ବ୍ୟବହାର କରିପାରୁ ନାହୁଁ । ଦୟାକରି ୨ ବଂଶାବଳି ୨୯ ଓ ଦ୍ୱିତୀୟ ବିବରଣ ୬ ଓ ୨୮ ମଧ୍ୟ ପଢ଼ନ୍ତୁ ।**

**୨ ବଂଶାବଳି ୨୯:୬–୮ : ''କାରଣ ଆମ୍ଭମାନଙ୍କ ପୂର୍ବ ପୁରୁଷମାନେ ସତ୍ୟ ଲଙ୍ଘନ କରି ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ଦୃଷ୍ଟିରେ କୁକର୍ମ କରିଅଛନ୍ତି ଓ ତାହାଙ୍କୁ ପରିତ୍ୟାଗ କରି ସଦାପ୍ରଭୁଙ୍କ ଆବାସରୁ ବିମୁଖ ହୋଇ ତହିଁ ପ୍ରତି ଆପଣା ପୃଷ୍ଠ ଫେରାଇ ଅଛନ୍ତି । ଆହୁରି, ସେମାନେ ବାରଣ୍ଡାର କବାଟ ସବୁ ବନ୍ଦ କରି ପ୍ରଦୀପସବୁ ନିଭାଇ ଦେଇଅଛନ୍ତି ଓ ସେହି ପବିତ୍ର ସ୍ଥାନରେ ଇସ୍ରାଏଲର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଧୂପ ଜ୍ୱଳାଇ ନାହାନ୍ତି, କିଅବା ହୋମବଳି ଉତ୍ସର୍ଗ କରି ନାହାନ୍ତି, ଏହେତୁ ଯିହୁଦା ଓ ଯିରୂଶାଲମ ଉପରେ ସଦାପ୍ରଭୁଙ୍କ କୋପ ଉପସ୍ଥିତ ହେଲା, ପୁଣି ତୁମ୍ଭେମାନେ ସ୍ୱଚକ୍ଷୁରେ ଦେଖୁଅଛ ଯେ, ସେ ସେମାନଙ୍କୁ ଏଣେ ତେଣେ ଚାଳିତ ହେବା ପାଇଁ, ଆଶଙ୍କାର ଓ ଶୀସ୍‌ର ବିଷୟ କରିବା ପାଇଁ ସମର୍ପଣ କରିଅଛନ୍ତି ।''**

**ଦ୍ୱିତୀୟ ବିବରଣ ୬:୧୨–୧୪ :**

''ସେତେବେଳେ ସାବଧାନ, ଯେ ତୁମ୍ଭକୁ ଦାସ୍ୟ ଗୃହ ରୂପ ମିସର ଦେଶରୁ ବାହାର କରି ଆଣିଅଛନ୍ତି, ସେହି ସଦାପ୍ରଭୁଙ୍କୁ ପାସୋର ନାହିଁ । ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ଭୟ କରିବ ଓ ତୁମ୍ଭେ ତାହାଙ୍କର ସେବା କରିବ ଓ ତାହାଙ୍କ ନାମରେ ଶପଥ କରିବ । ତୁମ୍ଭେମାନେ ଅନ୍ୟ ଦେବଗଣର, ତୁମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ଅନ୍ୟ ଦେଶୀୟ ଲୋକଙ୍କ ଦେବଗଣର ପଶ୍ଚାଦ୍‌ଗାମୀ ହେବ ନାହିଁ ।''

**ଦ୍ୱିତୀୟ ବିବରଣ ୨୮:୨୦–୨୧ :**

''ତୁମ୍ଭେ ଆପଣାର ଯେଉଁ ମନ୍ଦ କର୍ମ ଦ୍ୱାରା ମୋତେ ତ୍ୟାଗ କଲ, ତହିଁ ହେତୁ ତୁମ୍ଭର ସଂହାର ଓ ଶୀଘ୍ର ବିନାଶ ହେବା ପର୍ଯ୍ୟନ୍ତ ତୁମ୍ଭ ହସ୍ତର ସମସ୍ତ କର୍ମରେ ସଦାପ୍ରଭୁ ତୁମ୍ଭ ପ୍ରତି ଅଭିଶାପ, ବ୍ୟାକୁଳତା ଓ ଭର୍ତ୍ସନା ପଠାଇବେ । ତୁମ୍ଭେ ଯେଉଁ ଦେଶ ଅଧିକାର କରିବାକୁ ଯାଉଅଛ, ସେଠାରୁ ତୁମ୍ଭେମାନେ ଉଚ୍ଛିନ୍ନ ହେବା ପର୍ଯ୍ୟନ୍ତ ସଦାପ୍ରଭୁ ତୁମ୍ଭଠାରେ ମହାମାରୀ ଲଗାଇ ରଖିବେ । ସଦାପ୍ରଭୁ ଯକ୍ଷ୍ମା ଓ ଜ୍ୱର ଓ ଅତିଦାହ ଓ ଖଡ୍ଗ ଓ ଶସ୍ୟର ଶୋଷ ଓ ମ୍ଳାନି ଦ୍ୱାରା ତୁମ୍ଭକୁ ଆଘାତ କରିବେ, ତୁମ୍ଭର ବିନାଶ ହେବା ପର୍ଯ୍ୟନ୍ତ ତାହା ଆକାଶରୁ ତୁମ୍ଭ ଉପରେ ପଡ଼ିବ ।''

ଦ୍ୱିତୀୟରେ, ଏହି ଜଗତର ବିଚାର କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନର ଏହା ଏକ ଚିହ୍ନ ହୋଇପାରେ । ଏହା ମାଥିଉ ୨୪:୪–୧୩ରେ ଲିପିବଦ୍ଧ ହୋଇଅଛି ।

''ସେଥିରେ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ସାବଧାନ, କେହି ଯେପରି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରେ । କାରଣ ଅନେକେ ମୋ' ନାମରେ ଆସି ମୁଁ ଖ୍ରୀଷ୍ଟ ବୋଲି କହି ଅନେକଙ୍କୁ ଭ୍ରାନ୍ତ କରିବେ । ଆଉ, ତୁମ୍ଭେମାନେ ଯୁଦ୍ଧର ବିଷୟ ଓ ସଂଗ୍ରାମର ଜନରବ ଶୁଣିବ, ସାବଧାନ, ବ୍ୟାକୁଳ ହୁଅ ନାହିଁ । କାରଣ ଏହି ସମସ୍ତ ଅବଶ୍ୟ ଘଟିବ, କିନ୍ତୁ ସେହି କାଳ ଯୁଗାନ୍ତ ନୁହେଁ । କାରଣ ଜାତି ବିପକ୍ଷରେ ଜାତି ଓ ରାଜ୍ୟ ବିପକ୍ଷରେ ରାଜ୍ୟ ଉଠିବ, ପୁଣି ସ୍ଥାନେ ସ୍ଥାନେ ଦୁର୍ଭିକ୍ଷ ଓ ଭୂମିକମ୍ପ ହେବ । କିନ୍ତୁ ଏହି ସମସ୍ତ ପ୍ରସବ ବେଦନାର ଆରମ୍ଭ ମାତ୍ର । ସେହି ସମୟରେ ଲୋକେ ତୁମ୍ଭମାନଙ୍କୁ କ୍ଲେଶଭୋଗ କରିବା ନିମନ୍ତେ ସମର୍ପଣ କରିବେ ଓ ତୁମ୍ଭମାନଙ୍କୁ

ବଧ କରିବେ, ଆଉ ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତ ଜାତିଙ୍କ ଦ୍ୱାରା ଘୃଣିତ ହେବ । ସେତେବେଳେ ଅନେକେ ବିଘ୍ନ ପାଇବେ, ପୁଣି ପରସ୍ପରକୁ ଧରାଇ ଦେବେ ଓ ପରସ୍ପରକୁ ଘୃଣା କରିବେ, ଆଉ ଅନେକ ଭଣ୍ଡ ଭାବବାଦୀ ଉଠି ଅନେକଙ୍କୁ ଭ୍ରାନ୍ତ କରିବେ । ପୁଣି ଅଧର୍ମ ବୃଦ୍ଧି ପାଇବାରୁ ଅଧିକାଂଶ ଲୋକଙ୍କର ପ୍ରେମ ଶୀତଳ ହୋଇଯିବ । **''ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ ।''**

ବର୍ତ୍ତମାନ ସମୟରେ, ଆମେ ଶୁଣୁଛୁ ଯେ ବିଶ୍ୱର କେତେକ ନେତା ଏହି କ୍ଳେଶଗୁଡ଼ିକର ପଛରେ ଥିବା କାରଣ ଉପଲବ୍ଧି କରିଛନ୍ତି । ସେଥିପାଇଁ ଈଶ୍ୱର କିଛି ନୂତନ କାର୍ଯ୍ୟ କରିବାକୁ ଯାଉଛନ୍ତି ବୋଲି ଆମେ ବିଶ୍ୱାସ କରୁଛୁ ।

ସେଥିପାଇଁ ଏହି ଦିନଗୁଡ଼ିକରେ, ଈଶ୍ୱରଙ୍କ ଦାସମାନଙ୍କୁ ସେମାନଙ୍କ ଆହ୍ୱାନର ପ୍ରକାରକୁ ବିଚାର କରି ସେମାନଙ୍କ ପରିତ୍ରାଣ, ବାପ୍ତିସ୍ମ ଓ ପବିତ୍ର ଜୀବନ ସମ୍ବନ୍ଧରେ ପ୍ରକୃତରେ ଅନୁତାପ କରିବାକୁ ହେବ । ନୀରବ ନ ରହି, ଆମେ ସମସ୍ତେ ଏହି ଜଗତର ଲୋକମାନଙ୍କ ନିମନ୍ତେ, କ୍ଷମତାରେ ଥିବା ଲୋକମାନଙ୍କ ନିମନ୍ତେ, ବିଶେଷ ଭାବରେ ମଣ୍ଡଳୀଗୁଡ଼ିକର ବିଶ୍ୱାସୀମାନଙ୍କ ନିମନ୍ତେ ଉଦ୍‌ଯୋଗର ସହିତ ପ୍ରାର୍ଥନା କରିବା ଉଚିତ୍ । ସର୍ବଶକ୍ତିମାନ ଈଶ୍ୱର ଏହି ଜଗତର ଲୋକମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବେ । ଏହାଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

**ଈଶ୍ୱରଙ୍କ ପ୍ରତି ସମସ୍ତ ଗୌରବ ହେଉ !**

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**ଏସ୍.ସାମ୍.ସେଲ୍‌ଭାରାଜ**

---

*(ଅବଶିଷ୍ଟାଂଶ ୧ମ ପୃଷ୍ଠାରେ)*

ଘୋଷଣା କରିଥିଲେ ଓ ଏପର୍ଯ୍ୟନ୍ତ ଏହି ଆକ୍ରମଣକୁ ନିୟନ୍ତ୍ରିତ କରିବା ପାଇଁ ଅଦ୍ୟମ ପ୍ରଚେଷ୍ଟା ଚଳାଇଛନ୍ତି । କାର୍ଯ୍ୟ ବିଶାଳ ଅଟେ ।

ଏହି ଭୟଙ୍କର ଭୂତାଣୁ ୨୦୧୯ ନଭେମ୍ବର ମାସରେ ଚୀନର ଉହାନ୍ ସହରରୁ ଉତ୍ପନ୍ନ ହୋଇ ଅତିକମ୍ ସମୟ ମଧ୍ୟରେ ଅରଣ୍ୟାଗ୍ନି ଭଳି ସମଗ୍ର ବିଶ୍ୱସକୁ ବ୍ୟାପିଯାଇଛି । ଏହି ନୂତନ ଭୂତାଣୁ ପାଇଁ, ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ଆବିଷ୍କୃତ ହୋଇ ନାହିଁ । କେବଳ ସଂକ୍ରମିତ ବ୍ୟକ୍ତିଙ୍କଠାରେ ଥିବା ଲକ୍ଷଣ ଅନୁସାରେ ଔଷଧ ଦିଆଯାଉଛି । ଗବେଷକମାନେ ଏହି ଭୂତାଣୁକୁ ନିୟନ୍ତ୍ରଣ କରିବା ପାଇଁ ଟୀକା ଆବିଷ୍କାର କରିବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଏହି ଟୀକା ପରୀକ୍ଷାଗାରରୁ ବାହାରି କାର୍ଯ୍ୟକ୍ଷମ ହେବା ପାଇଁ ଆହୁରି କିଛି ଦିନ ଲାଗିବ । ଯାହା କିଛି ବି ହେଉ, ଈଶ୍ୱରଙ୍କ ସନ୍ତାନମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ବିଶେଷ ସୁରକ୍ଷା ମିଳିବ ।

ଆମ ମନକୁ ଏହି ପ୍ରଶ୍ନ ଆସୁଛି – କାହିଁକି ପୃଥିବୀକୁ ଏହିପରି ବିପର୍ଯ୍ୟୟ ସବୁ ଆସୁଛି ? ଏହାର ଉତ୍ତର ସରଳ ଅଟେ । ଯେତେବେଳେ ଲୋକମାନେ ଈଶ୍ୱରଙ୍କଠାରୁ ଦୂରକୁ ଚାଲିଯାନ୍ତି, ସେତେବେଳେ ସେ ଲୋକମାନଙ୍କୁ ତାଙ୍କ ପ୍ରତି ଫେରାଇବା ପାଇଁ ଜଗତକୁ ଆଘାତ କରନ୍ତି । ସର୍ବୋପରି, ଈଶ୍ୱର କେବଳ ତାଙ୍କ ଲୋକମାନଙ୍କ ପାଇଁ ପୃଥିବୀ ସୃଷ୍ଟି କରିଥିଲେ । ଈଶ୍ୱର ଅଧାର୍ମିକ, ଦୁଷ୍ଟ ଓ ବିଦ୍ରୋହୀମାନଙ୍କୁ ସଂଶୋଧନ କରିବାକୁ ଇଚ୍ଛା କରନ୍ତି । ସେମାନେ ଯେତେ ଶୀଘ୍ର ତାଙ୍କ ନିକଟକୁ ଆସିବେ, ସେତେ ଶୀଘ୍ର ବିପର୍ଯ୍ୟୟ ଶେଷ ହେବ ।

## ନୋହଙ୍କ ସମୟର ବିପର୍ଯ୍ୟୟ

ନୋହଙ୍କ ସମୟରେ, ପୃଥିବୀରେ ମନୁଷ୍ୟର ଦୁଷ୍ଟତା ଅତି ବଡ଼ ଥିଲା ଓ ତା' ହୃଦୟର ସମସ୍ତ ଚିନ୍ତା ନିରନ୍ତର କେବଳ ମନ୍ଦତା ଥିଲା ବୋଲି ସଦାପ୍ରଭୁ ଦେଖିଥିଲେ । ପୃଥିବୀରେ ମନୁଷ୍ୟକୁ ନିର୍ମାଣ କରିଥିବାରୁ ସେ ଦୁଃଖିତ ଓ ହୃଦୟରେ ବ୍ୟଥିତ ହୋଇଥିଲେ (ଆଦି ୬:୫-୬) । ସେଥିପାଇଁ, ଈଶ୍ୱର ପୃଥିବୀ ପୃଷ୍ଠରୁ ନିଜର ସୃଷ୍ଟ ମନୁଷ୍ୟକୁ, ପଶୁ, ପକ୍ଷୀ, ସରୀସୃପ, ଇତ୍ୟାଦି ସମସ୍ତଙ୍କୁ ବିନଷ୍ଟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ଭାଷାରେ, ସେତେବେଳର ଲୋକମାନେ ନୋହ ଜାହାଜରେ ପ୍ରବେଶ ନ କରିବା ପର୍ଯ୍ୟନ୍ତ ଭୋଜନପାନ, ଆମୋଦ ପ୍ରମୋଦ, ବିବାହ କରିବା ଓ ବିବାହ ଦେବାରେ ବ୍ୟସ୍ତ ଥିଲେ । ବନ୍ୟା ଆସି ସେମାନଙ୍କୁ ଭସାଇ ନ ନେବା ପର୍ଯ୍ୟନ୍ତ ସେମାନେ କିଛି ଜାଣି ନ ଥିଲେ (ମାଥିଉ ୨୪:୩୭-୩୯) ।

ନୋହ ଜଣେ ଧାର୍ମିକ, ସିଦ୍ଧ ବ୍ୟକ୍ତି ଥିବାରୁ ଓ ଈଶ୍ୱରଙ୍କ ସହିତ ଗମନାଗମନ କରୁଥିବାରୁ, ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଥିଲେ । ସେଥିପାଇଁ, ଈଶ୍ୱର ନୋହ ଓ ତାଙ୍କ ପରିବାରକୁ ରକ୍ଷା କରିବାକୁ ଇଚ୍ଛା କରି ଏକ ଜାହାଜ ନିର୍ମାଣ କରିବା ପାଇଁ ତାଙ୍କୁ କହିଥିଲେ । ଈଶ୍ୱରଙ୍କ ଆଜ୍ଞାନୁସାରେ, ନୋହ ଜାହାଜ ନିର୍ମାଣ କରିବା ଆରମ୍ଭ କରିଥିଲେ । ଇତି ମଧ୍ୟରେ, ସେ ଲୋକମାନଙ୍କ ନିକଟରେ ଧର୍ମ ପ୍ରଚାର କରିଥିଲେ । ମାତ୍ର ଲୋକମାନେ ମନୋଯୋଗୀ ହୋଇ ସେମାନଙ୍କ ଦୁଷ୍ଟତାର ମାର୍ଗ ପରିତ୍ୟାଗ କରି ନ ଥିଲେ (୧ ପିତର ୩:୨୦, ୨ ପିତର ୨:୫) ।

ଈଶ୍ୱର ନୋହଙ୍କୁ ନିଜ ପରିବାର ସହିତ ଜାହାଜରେ ପ୍ରବେଶ କରିବା ପାଇଁ କହିଥିଲେ । ନିଜ ସହିତ ସାତ ଯୋଡ଼ା ଶୁଚି ପକ୍ଷୀ ଓ ପଶୁ ଓ ଏକ ଯୋଡ଼ା ଅଶୁଚି ପଶୁପକ୍ଷୀ ନେବା ପାଇଁ ମଧ୍ୟ ଈଶ୍ୱର ତାଙ୍କୁ କହିଥିଲେ । ବର୍ଷା ଓ ପରେ ପରେ ବନ୍ୟା ଆସିଲା । ଈଶ୍ୱର ଜାହାଜର ଦ୍ୱାରକୁ ବନ୍ଦ କରିଦେଲେ ଓ ଏହା ଜଳ ଉପରେ ଭାସିବାକୁ ଲାଗିଲା । ସମସ୍ତ ଉଚ୍ଚ ଉଚ୍ଚ ପର୍ବତ ବୁଡ଼ିଗଲେ । ୧୫୦ ଦିନ ଧରି ଜଳ ରହିଲା । ପୃଥିବୀର ସମସ୍ତ ଜୀବନ୍ତ ପ୍ରାଣୀ ବିନଷ୍ଟ ହୋଇଥିଲେ । ନୋହ ଗୋଟିଏ ବର୍ଷ ଓ ୧୭ ଦିନ ପର୍ଯ୍ୟନ୍ତ ଜାହାଜ ଭିତରେ ରହିଥିଲେ ଓ ଜଳସ୍ତର ହ୍ରାସ ପାଇବା ପରେ ସେ ବାହାରି ଆସିଥିଲେ, ଯେଉଁ ଲୋକମାନେ ନୋହଙ୍କ କଥା ଶୁଣି ନ ଥିଲେ, ସେମାନେ ବିନଷ୍ଟ ହୋଇଥିଲେ । ଈଶ୍ୱର ବାରମ୍ବାର ନିଜ ଦାସମାନଙ୍କ ମାଧ୍ୟମରେ ଜଗତକୁ ସତର୍କ କରି ଦିଅନ୍ତି । ଜ୍ଞାନୀମାନେ ତାଙ୍କ ସ୍ୱର ଶୁଣନ୍ତି ଓ ସେମାନଙ୍କ ମାର୍ଗକୁ ସଂଶୋଧନ କରି ବିପର୍ଯ୍ୟୟରୁ ରକ୍ଷା ପାଆନ୍ତି ।

## ସଦୋମ ଓ ଗମୋରା ଉପରେ ଦଣ୍ଡ

ସଦୋମ ଓ ଗମୋରା ଯର୍ଦ୍ଦନର ନିକଟବର୍ତ୍ତୀ ଦୁଇଟି ନଗର ଥିଲା । ସଦୋମରେ, ଅବ୍ରହାମଙ୍କ ପୁତୁରା, ଲୋଟ ବାସ କରୁଥିଲେ । ସେହି ଦୁଇ ନଗରର ଲୋକମାନେ ନୋହଙ୍କ ସମୟର ଲୋକମାନଙ୍କ ଅପେକ୍ଷା ଅଧିକ ଉଗ୍ର, ଦୁର୍ନୀତିଗ୍ରସ୍ତ ଓ ଚରିତ୍ରହୀନ ଥିଲେ । ଯେଉଁ ପୁରୁଷ (ଦୂତ)ମାନେ ଅବ୍ରହାମଙ୍କୁ ସାକ୍ଷାତ୍ କରି ତାଙ୍କ ଗୃହରେ ଭୋଜନ କରିଥିଲେ, ସେମାନେ ସେହି ନଗରକୁ ଯିବା ପାଇଁ ଇଚ୍ଛା କରିଥିଲେ । ସନ୍ଧ୍ୟା ସମୟରେ, ସେମାନେ ଲୋକଙ୍କୁ ସାକ୍ଷାତ୍ କରିଥିଲେ । ଲୋକ ସେହି ଦୁଇ ଜଣ ପୁରୁଷଙ୍କୁ ରାତ୍ରିରେ ତାଙ୍କ ସହିତ ରହିବା ପାଇଁ ଅନୁରୋଧ କରିଥିଲେ । ସେମାନେ ସମ୍ମତ ହୋଇ ଲୋଟଙ୍କ ସହିତ ଭୋଜନ କରିଥିଲେ । ସେମାନେ ଶୟନ କରିବା ପୂର୍ବରୁ, ସଦୋମ ଓ ଗମୋରାର ଆବାଳବୃଦ୍ଧ ସେହି ଦୁଇ ଜଣ ପୁରୁଷଙ୍କୁ ସେମାନଙ୍କ ହସ୍ତରେ ସମର୍ପଣ କରିବା ପାଇଁ ଲୋଟଙ୍କ ନିକଟରେ ଦାବୀ କଲେ । ଲୋଟ ନିଜର ଦୁଇ ଜଣ କନ୍ୟାକୁ ଯାଚିଲେ ସୁଦ୍ଧା ସେମାନେ ଶୁଣିଲେ ନାହିଁ, ଈଶ୍ୱର ସେମାନଙ୍କୁ ଅନ୍ଧ କରି ଦେବାରୁ ସେମାନେ ଦରାଣ୍ଡି ହେବାରେ ଲାଗିଲେ । ସଦାପ୍ରଭୁ ସେହି ନଗରକୁ ଧ୍ୱଂସ କରିବାକୁ ଯାଉଥିବାରୁ ଲୋଟଙ୍କୁ ତାଙ୍କର ସ୍ତ୍ରୀ ଓ କନ୍ୟାମାନଙ୍କ ସହିତ ଶୀଘ୍ର ସେହି ନଗର ପରିତ୍ୟାଗ କରିବା ପାଇଁ କହିଥିଲେ । ସେ କହିଥିଲେ, ''ପ୍ରାଣରକ୍ଷା ନିମନ୍ତେ ପଳାଅ, ପଛ ଆଡ଼କୁ ଦୃଷ୍ଟି କର ନାହିଁ ଓ ଏହି ସମସ୍ତ ପ୍ରାନ୍ତର ମଧ୍ୟରେ ହେଁ ରୁହ ନାହିଁ, ପର୍ବତକୁ ପଳାଇ ଯାଅ, ନୋହିଲେ ବିନଷ୍ଟ ହେବ'' (ଆଦି ୧୯:୧୭) । ପ୍ରଭାତ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ଜୁଲାଇ ୧୯ ରୁ ଅଗଷ୍ଟ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ଜୁଲାଇ – ୧୯ ସଦାପ୍ରଭୁ ଆମକୁ କୋଭିଡ–୧୯ରୁ ସୁରକ୍ଷା ଦେଇଛନ୍ତି ।

ଜୁଲାଇ – ୨୦ ପ୍ରଭୁ ଆମର ସହଯୋଗୀ ସଂପାଦକ, ଭାଇ ପଲ୍‌ରାଜ୍‌ଙ୍କୁ ତାଙ୍କର ଅସୁସ୍ଥତାରୁ ସୁସ୍ଥ କରିଛନ୍ତି ।

ଜୁଲାଇ – ୨୧ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ସୁରକ୍ଷା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁଲାଇ – ୨୨ ସେହି ଦୟାଳୁ ଲୋକମାନଙ୍କ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ, ଯେଉଁମାନେ କରୋନା ଆକ୍ରାନ୍ତ ଲୋକମାନଙ୍କୁ ଓ ଆମର ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରିବା ଆରମ୍ଭ କରିଥିଲେ ।

ଜୁଲାଇ – ୨୩ ସୁସମାଚାର ପ୍ରଚାର କରିବା ପାଇଁ ଈଶ୍ୱର ଆମକୁ ଦୁର୍ଗମ ଅଞ୍ଚଳରେ ପ୍ରବେଶ କରିବାରେ ସାହାଯ୍ୟ କରିଥିଲେ ।

ଜୁଲାଇ – ୨୪ ଆମେ କୋଭିଡ୍–୧୯ ସମୟରେ, ଦୁଃଖଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସମର୍ଥ ହୋଇଛୁ ।

ଜୁଲାଇ – ୨୫ ଆମ ଛାପା କଳରେ ମୁଦ୍ରିତ ହୋଇ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ଆମର ୧୬ଟି ଭାଷାର ସୁସମାଚାର ପତ୍ରିକା ଉପରେ ଈଶ୍ୱର ଆଶୀର୍ବାଦ କରିଛନ୍ତି ।

ଜୁଲାଇ – ୨୬ କୋଭିଡ୍–୧୯ ମଧ୍ୟରେ, ୨୦୨୦ ଜୁନ୍ ମାସରୁ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ପୁଣିଥରେ ପ୍ରକାଶ କରିବା ପାଇଁ ଈଶ୍ୱର ଆମକୁ ସାହାଯ୍ୟ କରିଛନ୍ତି ।

ଜୁଲାଇ – ୨୭ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''କୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଜୁଲାଇ – ୨୮ ଆମେ ଆମର ମିଶନକ୍ଷେତ୍ରଗୁଡ଼ିକର କାର୍ଯ୍ୟ ବିଷୟରେ ଉତ୍ତମ ସମ୍ବାଦ ପାଉଅଛୁ ।

ଜୁଲାଇ – ୨୯ ଆମେ ଆମ ସେବା କାର୍ଯ୍ୟର ସମସ୍ତ ଉତ୍ସର୍ଗୀକୃତ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରୁଅଛୁ ।

ଜୁଲାଇ – ୩୦ ଈଶ୍ୱର ଆମର ସମସ୍ତ ବାଇବଲ କଲେଜ ଛାତ୍ରମାନଙ୍କୁ ସୁରକ୍ଷା ଦେଇଛନ୍ତି ।

ଜୁଲାଇ – ୩୧ ଆମର ପ୍ରଭୁ ଆମର ବରିଷ୍ଠ ପାଳକ, ରେଭ.ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

ଅଗଷ୍ଟ – ୧ କୋଭିଡ୍–୧୯ ସମୟରେ, ଈଶ୍ୱର ''ଆହ୍ୱାନର ପ୍ରତିଧ୍ୱନି''ର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଛନ୍ତି ।

ଅଗଷ୍ଟ – ୨ ଆମର ସମସ୍ତ ସେବାକାର୍ଯ୍ୟକୁ ପୁଣିଥରେ ଆରମ୍ଭ କରିବାରେ ସାହାଯ୍ୟ କରିଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ।

ଅଗଷ୍ଟ – ୩ ସମଗ୍ର ପୃଥିବୀର ସମସ୍ତ ଆତ୍ମିକ ଓ ବିଶ୍ୱ ନେତାମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

## ପ୍ରାର୍ଥନାର ବିଷୟ

ଅଗଷ୍ଟ – ୪ ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍.ପଲ୍‌ରାଜଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୫ ପୃଥିବୀରୁ କରୋନା ଯେପରି ଲୋପ ପାଇବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୬ କରୋନା ରୋଗ ଯୋଗୁ ନିଜ ନିଜର ପ୍ରିୟଜନମାନଙ୍କୁ ହରାଇଥିବା ଦୁଃଖଗ୍ରସ୍ତ ପରିବାରଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୭ ପୃଥିବୀସ୍ଥ ଲୋକମାନଙ୍କର ଅନୁତାପ ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୮ ଈଶ୍ୱରଙ୍କ ଅନୁଗ୍ରହ ଯେପରି ପୁଣିଥରେ ଲୋକମାନଙ୍କ ଉପରେ ବୃଷ୍ଟି ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୯ ଭାରତ ଉପରେ ଥିବା ଅଭିଶାପ ଗୁଡ଼ିକର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୧୦ ଆମେ ୨୦୨୦–୨୧ ପାଇଁ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ନିମନ୍ତେ ନୂତନ ଛାତ୍ରମାନଙ୍କୁ ଆବଶ୍ୟକ କରୁ ।

ଅଗଷ୍ଟ – ୧୧ ଈଶ୍ୱର ଯେପରି ଏହି ମାସ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର ସମସ୍ତ ଆବଶ୍ୟକତା ପୂରଣ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୧୨ ସମଗ୍ର ବିଶ୍ୱରେ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୧୩ ବିଶ୍ୱର ସମସ୍ତ ଲୋକଙ୍କର ଆବଶ୍ୟକୀୟ ବିଷୟ ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୧୪ ଈଶ୍ୱର ଯେପରି ସମଗ୍ର ବିଶ୍ୱକୁ ଏକ ଉଦ୍ଦୀପନା ପ୍ରେରଣ କରିବେ ।

ଅଗଷ୍ଟ – ୧୫ ଈଶ୍ୱର ଯେପରି ୨୦୨୦–୨୧ ପାଇଁ ନିହିମିୟା ବାଇବଲ କଲେଜକୁ ସମର୍ପିତ ଛାତ୍ର ଯୋଗାଇବେ ।

ଅଗଷ୍ଟ – ୧୬ ଈଶ୍ୱର ଯେପରି ଆମର ସହଯୋଗୀ ସଂପାଦକ ଏମ୍.ପଲ୍‌ରାଜ୍‌ଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ ''ଈଶ୍ୱରଙ୍କ ରାଜ୍ୟ'' (Kingdom of Gos)କୁ ଅତିଶୀଘ୍ର ପ୍ରକାଶ କରିବାରେ ସାହାଯ୍ୟ କରିବେ ।

ଅଗଷ୍ଟ – ୧୭ 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର' ବହୁମୁଖୀ କାର୍ଯ୍ୟ–କଳାପ ପାଇଁ ପ୍ରାର୍ଥନା କରନ୍ତୁ ।

ଅଗଷ୍ଟ – ୧୮ ଆମ ମିଶନ କ୍ଷେତ୍ରର କାର୍ଯ୍ୟକାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ବେଳକୁ ସଦାପ୍ରଭୁ ଆକାଶରୁ ସଦୋମ ଓ ଗମୋରା ଉପରକୁ ଗନ୍ଧକ ଓ ଶିଳା ବୃଷ୍ଟି କରି ଦୁଇଟି ନଗରକୁ ଧ୍ୱଂସ କରିଥିଲେ ଲୋଟଙ୍କ ସ୍ତ୍ରୀ ପଛକୁ ଫେରି ଚାହିଁବାରୁ ଏକ ଲବଣ ସ୍ତମ୍ଭରେ ପରିଣତ ହୋଇଥିଲେ ।

ସମଲିଙ୍ଗୀ ଯୌନାଚାର ଏକ ଗୁରୁତର ପାପ ଅଟେ । ଏହା ଲୋଟଙ୍କ ସମୟରେ ମଧ୍ୟ ପ୍ରଚଳିତ ଥିଲା । ଈଶ୍ୱର ଏହାକୁ ଘୃଣା କରୁଥିଲେ ଓ ସେଥିପାଇଁ ସଦୋମ ଓ ଗମୋରାରେ ଏହି କାର୍ଯ୍ୟ କରାଯାଉଥିବାରୁ ସେହି ଦୁଇଟି ନଗରକୁ ଧ୍ୱଂସ କରିଥିଲେ । ଏହି ପାପ ଆଜି ମଧ୍ୟ ପ୍ରଚଳିତ ଅଛି । ପୃଥିବୀର ଅଧିକାଂଶ ଦେଶ, ଏହା ଅପରାଧ ନୁହେଁ ବୋଲି ଘୋଷଣା କରି ଆଇନ ପ୍ରଣୟନ କରିଛନ୍ତି । ପୁରୁଷ ଓ ପୁରୁଷ ଏବଂ ସ୍ତ୍ରୀ ଓ ସ୍ତ୍ରୀ ମଧ୍ୟ ବିବାହ ଅନୁଷ୍ଠିତ ହେଉଅଛି । ଜଗତ ଏହାକୁ ଘୃଣା କରି ଏଥିରୁ ବାହାରି ଆସିବା ଉଚିତ୍ । ସେଥିପାଇଁ ଯେତେବେଳେ ଦେଶସମୂହ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ଯାଆନ୍ତି, ସେତେବେଳେ ଈଶ୍ୱର ବନ୍ୟା, କୀଟ, ଭୂମିକମ୍ପ ରୂପରେ ଲୋକମାନଙ୍କ ଉପରକୁ ନିଜର ଦଣ୍ଡ ପ୍ରେରଣ କରନ୍ତି ।

## ମହାମାରୀ ବନ୍ଦ ହେଲା

ଈଶ୍ୱର ରାଜା ଦାଉଦଙ୍କ ସମୟରେ ମହାମାରୀ ବନ୍ଦ କରିଥିଲେ । ଦାଉଦ ଈଶ୍ୱରଙ୍କଠାରୁ ପରାମର୍ଶ ନ ନେଇ ଇସ୍ରାଏଲ ଓ ଯିହୁଦାର ଲୋକମାନଙ୍କୁ ଗଣନା କରିବା ପାଇଁ ନିଜର ସେନାଧ୍ୟକ୍ଷ ଯୋୟାବଙ୍କୁ ଆଦେଶ ଦେଇଥିଲେ । ଦାଉଦ ନିଜର ଶକ୍ତି ଦ୍ୱାରା ନୁହେଁ, ମାତ୍ର ପ୍ରଭୁଙ୍କ ସାହାଯ୍ୟରେ ଯୁଦ୍ଧରେ ଜୟଲାଭ କରୁଥିଲେ । ସେଥିପାଇଁ, ସେ ସେହି କାର୍ଯ୍ୟରେ ନିୟୋଜିତ ହେବା ଉଚିତ୍ ନ ଥିଲା । ଖଡ୍ଗଧାରୀ ଯୋଦ୍ଧାମାନଙ୍କର ସଂଖ୍ୟା ଗଣନା କରାଯାଇଥିଲା । ଇସ୍ରାଏଲରେ ଏମାନଙ୍କ ସଂଖ୍ୟା ଆଠ ଲକ୍ଷ ଓ ଯିହୁଦାରେ ୫ ଲକ୍ଷ ଥିଲା । ଏହାପରେ ଦାଉଦ ଉପଲବ୍ଧି କରିଥିଲେ ଯେ ସେ ନିର୍ବୋଧତାର କାର୍ଯ୍ୟ କରିଥିଲେ ।

ଈଶ୍ୱରଙ୍କ ଭାବବାଦୀ ଗାଦ୍‌ଙ୍କ ମାଧ୍ୟମରେ, ଈଶ୍ୱରଙ୍କ ବାକ୍ୟ ଉପସ୍ଥିତ ହେଲା । ନିମ୍ନଲିଖିତ ଦଣ୍ଡ ମଧ୍ୟରେ ଗୋଟିଏ ମନୋନୀତ କରିବା ପାଇଁ ଦାଉଦଙ୍କୁ ସୁଯୋଗ ଦିଆଗଲା । ଦେଶରେ ସାତ ବର୍ଷର ଦୁର୍ଭିକ୍ଷ, ତାଙ୍କ ଶତ୍ରୁମାନଙ୍କ ସମ୍ମୁଖରୁ ତିନିମାସ ଧରି ପଳାୟନ ଓ ଦେଶରେ ତିନି ଦିନର ମହାମାରୀ ।

ଦାଉଦ ଅତି ବିଷାଦଗ୍ରସ୍ତ ହେଲେ । ସେ କୌଣସି ଗୋଟିଏ ବିଷୟକୁ ମନୋନୀତ କରି ପାରୁ ନ ଥିଲେ । ସେ ଈଶ୍ୱରଙ୍କୁ କହିଲେ, ''ମୁଁ ବଡ଼ ଅକଳରେ ପଡ଼ିଲି, ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ହସ୍ତରେ ପଡ଼ୁ, କାରଣ ତାହାଙ୍କ ଦୟା ପ୍ରଚୁର, ମାତ୍ର ମୁଁ ମନୁଷ୍ୟ ହସ୍ତରେ ନ ପଡ଼େ'' (୨ ଶାମୁୟେଲ ୨୪:୧୪) ।

ସଦାପ୍ରଭୁ ଇସ୍ରାଏଲ ଉପରକୁ ମହାମାରୀ ପ୍ରେରଣ କଲେ ଓ ୭୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ । ମାତ୍ର ଯେତେବେଳେ ଦୂତ ଯିରୂଶାଲମକୁ ଧ୍ୱଂସ କରିବା ପାଇଁ ଏହା ଉପରେ ନିଜର ହସ୍ତ ବିସ୍ତାର କଲେ, ସେତେବେଳେ ସଦାପ୍ରଭୁ ଦୟା ପ୍ରକାଶ କରି ଦୂତଙ୍କୁ କହିଥିଲେ, ''ଯଥେଷ୍ଟ ହେଲା, ଏବେ ତୁମ୍ଭ ହସ୍ତ ସଙ୍କୁଚିତ କର ।'' ମହାମାରୀ ବନ୍ଦ ହୋଇଥିଲା । ଯେତେବେଳେ ଦାଉଦ ନିଜର ଭୁଲ୍ ସ୍ୱୀକାର କରି ଈଶ୍ୱରଙ୍କ ହସ୍ତରେ ପଡ଼ିଲେ, ସେତେବେଳେ ଯିରୂଶାଲମ ରକ୍ଷା ପାଇଥିଲା ।

## ଈଶ୍ୱର କ'ଣ ଚାହାଁନ୍ତି ?

ନିଜ ଲୋକମାନଙ୍କ ଉପରେ ସଦାପ୍ରଭୁଙ୍କର ବଡ଼ ଆଶା ଥିଲା । ମାତ୍ର ସେମାନେ ଏକ ଅଦରକାରୀ ବସ୍ତୁରେ ପରିଣତ ହୋଇଥିଲେ । ''ତଥାପି ଆମ୍ଭେ ତୁମ୍ଭକୁ ସର୍ବତୋଭାବେ ପ୍ରକୃତ ବୀଜରୁ ଉତ୍ପନ୍ନ ଉତ୍ତମ ଦ୍ରାକ୍ଷାଲତା କରି ରୋପଣ କରିଥିଲୁ, ତେବେ ତୁମ୍ଭେ କି ରୂପେ ଆମ୍ଭ ନିକଟରେ ବିଜାତୀୟ ଦ୍ରାକ୍ଷାଲତାରୁ ଉତ୍ପନ୍ନ ବିକୃତ ଚାରା ହେଲ ?'' (ଯିରିମିୟ ୨:୨୧) ।

ଈଶ୍ୱରଙ୍କ ଲୋକମାନେ ମିଥ୍ୟା କହିବା ସମୟରେ ଓ ତାଙ୍କୁ ବିସ୍ମୃତ ହେବା ସମୟରେ, ସେ ସେମାନଙ୍କ ପ୍ରତି ସନ୍ତୁଷ୍ଟ ନ ଥିଲେ ।

''ପୁଣି କାହାର ସକାଶୁ ତୁମ୍ଭେ ଏପରି ତ୍ରାସଯୁକ୍ତା ଓ ଭୀତା ହୋଇଅଛ ଯେ, ତମ୍ଭେ ମିଥ୍ୟା କହୁଅଛ ଓ ଆମ୍ଭକୁ ସ୍ମରଣ କରି ନାହଁ, କିଅବା ଆପଣା ମନ ତହିଁରେ ଦେଇ ନାହଁ ? ଆମ୍ଭେ କି ଦୀର୍ଘକାଳ ନୀରବ ରହି ନାହୁଁ ? ତେଣୁ କି ତୁମ୍ଭେ ଆମ୍ଭକୁ ଭୟ କରୁ ନାହଁ ?'' (ଯିଶାଇୟ ୫୭:୧୧) ।

ତଥାପି ସଦାପ୍ରଭୁ ଦୟାଳୁ ଓ କ୍ଷମାଶୀଳ ଅଟନ୍ତି । ସେ କହନ୍ତି, '... ଆମ୍ଭେ ସର୍ବଦା ବିରୋଧ କରିବା ନାହିଁ, ଅଥବା ନିରନ୍ତର କ୍ରୋଧ କରିବା ନାହିଁ, କଲେ, ଆତ୍ମା ଓ ଆମ୍ଭ ନିର୍ମିତ ପ୍ରାଣୀସକଳ ଆମ୍ଭ ସମ୍ମୁଖରେ କ୍ଷୀଣ ହେବେ'' (ଯିଶାଇୟ ୫୭:୧୬) ।

ବର୍ତ୍ତମାନ ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ ଆହ୍ୱାନ କରୁଛନ୍ତି, ''ଏବେ ହେଁ ତୁମ୍ଭେମାନେ ଉପବାସ, ରୋଦନ ଓ ବିଳାପ କରି ଆପଣାମାନଙ୍କର ସର୍ବାନ୍ତଃକରଣ ସହିତ ଆମ୍ଭ ନିକଟକୁ ଫେରିଆସ । ପୁଣି, ଆପଣା ଆପଣା ବସ୍ତ୍ର ନ ଚିରି ଅନ୍ତଃକରଣ ଚିର ଓ ସଦାପ୍ରଭୁ ଆପଣାମାନଙ୍କର ପରମେଶ୍ୱରଙ୍କ ନିକଟକୁ ଫେରିଆସ, କାରଣ ସେ କୃପାମୟ ଓ ସ୍ନେହଶୀଳ, କ୍ରୋଧରେ ଧୀର ଓ ଦୟାରେ ପରିପୂର୍ଣ୍ଣ, ଆଉ ସେ ଅମଙ୍ଗଳ କରିବା ବିଷୟରେ କ୍ଷାନ୍ତ ହୁଅନ୍ତି'' (ଯୋୟେଲ ୨:୧୨,୧୩) ।

ସେଥିପାଇଁ, ଈଶ୍ୱରଙ୍କ ସାକ୍ଷାତରେ ଆମେ କେଉଁଠାରେ ଉଣା ପଡ଼ିଛୁ, ତାହାର ଆତ୍ମ ସମୀକ୍ଷା କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ଅଟେ । ଯେତେବେଳେ ଆମେ ପ୍ରଭୁଙ୍କ ନିକଟକୁ ଆସୁଥିଲୁ, ସେତେବେଳେ ଅତି ଆଗ୍ରହ ଓ ପ୍ରେମ ପ୍ରଦର୍ଶନ କରୁଥିଲୁ ଓ ତାଙ୍କର ସମସ୍ତ ମାର୍ଗରେ ଅତି ତତ୍ପର ଥିଲୁ । ଏଫିସ ମଣ୍ଡଳୀ ନିକଟକୁ ନିଜ ବାର୍ତ୍ତାରେ, ପ୍ରଭୁ କହିଥିଲେ, ''ତୁମ୍ଭମାନଙ୍କ ବିରୁଦ୍ଧରେ ଆମ୍ଭର ଏହି ଅଭିଯୋଗ ଅଛି ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ଆଦ୍ୟ ପ୍ରେମ ପରିତ୍ୟାଗ କରିଅଛ'' (ପ୍ରକାଶିତ ୨:୪) ।

ଏହା ଏକ ସତ୍ୟ ବିଷୟ ଅଟେ ଯେ ଆମର ଅନେକ ଲୋକ ଅଧାର୍ମିକ ହୋଇ ଯାଇଛନ୍ତି ଓ ମଣ୍ଡଳୀରେ ପ୍ରାୟ ଯୋଗ ଦେଉ ନାହାଁନ୍ତି । ପ୍ରତ୍ୟେକ ରବିବାର, ବିଶେଷ ଭାବରେ, ୟୁରୋପୀୟ ଦେଶଗୁଡ଼ିକରେ, ବଡ଼ ବଡ଼ ଗୀର୍ଜ୍ଜାଗୁଡ଼ିକ ପ୍ରଭୁଙ୍କର ଉପାସନା କରିବା ପାଇଁ ଲୋକମାନଙ୍କୁ ନିମନ୍ତ୍ରଣ ଜଣାଇ ସେଗୁଡ଼ିକର ଦ୍ୱାରସବୁ ମୁକ୍ତ ରଖୁଛନ୍ତି । ଖୁବ୍ ଅଳ୍ପ ଲୋକ ଦ୍ୱାର ମଧ୍ୟରେ ପ୍ରବେଶ କରି ଉପାସନାରେ ଯୋଗ ଦିଅନ୍ତି । ଅଧିକାଂଶ ଆସନ ଶୂନ୍ୟ ହୋଇ ରହିଥାଏ । ସଦସ୍ୟତାର ଅଭାବ ଯୋଗୁ କେତେକ ମଣ୍ଡଳୀ ସିନେମା ଓ ନୃତ୍ୟଶାଳା ପାଇଁ ବିକ୍ରି ହୋଇଯାଇଛି । ଆଉ କେତେକ ମଦ୍ୟ ଦୋକାନରେ ପରିଣତ ହୋଇଛନ୍ତି । ପ୍ରଭୁ ଏଥିରେ ଖୁସି ହେବେ କି ? ଅନେକ ଲୋକ ପ୍ରଭୁଙ୍କ ଉପାସନା ପ୍ରତି ଏତେ ଗୁରୁତ୍ୱ ଓ ସମ୍ମାନ ଦିଅନ୍ତି ନାହିଁ । ଏହା ହେଉଛି, ଆମେ କେଉଁଠାରେ ଅଛୁ, ତାହା ସମୀକ୍ଷା କରିବାର ସମୟ । ସେଥିପାଇଁ, ଆସନ୍ତୁ, ଆମେ ଶୋକ ଓ ବିଳାପରେ ଭଗ୍ନ ହୋଇ ଅନୁଗ୍ରହ ସିଂହାସନ ନିକଟକୁ ଯିବା । ଆମର ଈଶ୍ୱର ଏପର୍ଯ୍ୟନ୍ତ ଅନୁଗ୍ରହଶୀଳ ଓ ଦୟାଳୁ ଅଟନ୍ତି ।

## ପ୍ରାର୍ଥନା ଶକ୍ତି

ଯିହୁଦାର ରାଜା ହିଜକିୟ ପୀଡ଼ିତ ଓ ମୃତ ପ୍ରାୟ ଥିଲେ । ଯିଶାଇୟ ଭାବବାଦୀ ତାଙ୍କ ନିକଟକୁ ଯାଇ କହିଲେ, ''ତୁମ୍ଭେ ଆପଣା ଗୃହ ବିଷୟ ସଜାଡ଼, କାରଣ ତୁମ୍ଭେ ମରିବ, ବଞ୍ଚିବ ନାହିଁ ।'' ଏଥିରେ ହିଜକିୟ କାନ୍ଥ ଆଡ଼େ ମୁଖ ଫେରାଇ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି କହିଲେ, 'ହେ ସଦାପ୍ରଭୋ, ମୁଁ ବିନୟ କରୁଅଛି, ମୁଁ କିପରି ସତ୍ୟତାରେ ଓ ସିଦ୍ଧ ଅନ୍ତଃକରଣରେ ତୁମ୍ଭ ସମ୍ମୁଖରେ ଗମନାଗମନ କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ କରିଅଛି, ଏହା ଏବେ ସ୍ମରଣ କର ।' ''ଆଉ ହିଜକିୟ ଅତିଶୟ ରୋଦନ କଲେ'' (୨ ରାଜାବଳି ୨୦:୩) ।

ଭାବବାଦୀ ଚାଲିଯିବା ପରେ, ପୁଣିଥରେ ଈଶ୍ୱରଙ୍କ ବାକ୍ୟ ତାଙ୍କ ନିକଟକୁ ଆସିଲା ଓ ସେ ଫେରି ଆସି କହିଲେ,

''ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷ ଦାଉଦର ପରମେଶ୍ୱର ଏହି କଥା କହନ୍ତି, ଆମ୍ଭେ ତୁମ୍ଭର ପ୍ରାର୍ଥନା ଶୁଣିଲୁ, ଆମ୍ଭେ ତୁମ୍ଭର ଲୋତକ ଦେଖିଲୁ, ଦେଖ, ଆମ୍ଭେ ତୁମ୍ଭକୁ ସୁସ୍ଥ କରିବୁ, ତୁମ୍ଭେ ତୃତୀୟ ଦିନରେ ସଦାପ୍ରଭୁଙ୍କ ଗୃହକୁ ଯିବ । ଆଉ ଆମ୍ଭେ ତୁମ୍ଭର ଆୟୁ ପନ୍ଦର ବର୍ଷ ବୃଦ୍ଧି କରିବା, ପୁଣି ଆମ୍ଭେ ତୁମ୍ଭକୁ ଓ ଏହି ନଗରକୁ ଅଶୂରୀୟ ରାଜାର ହସ୍ତରୁ ରକ୍ଷା କରିବା, ଆଉ ଆମ୍ଭେ ଆପଣା ସକାଶୁ ଓ ଆମ୍ଭ ଦାସ ଦାଉଦ ସକାଶୁ ଏହି ନଗରର ସପକ୍ଷ ହେବା'' (୨ ରାଜାବଳି ୨୦:୫,୬) । ହିଜକିୟଙ୍କ ଭଳି, ଆସନ୍ତୁ, ଆମେ ଅଶ୍ରୁ ଓ ପ୍ରାର୍ଥନା ସହିତ ପ୍ରଭୁଙ୍କ ଚରଣ ତଳେ ପଡ଼ିବା । ପ୍ରଭୁ ଆମର ଅଶ୍ରୁ ଦେଖିବେ ଓ ଆମର ପ୍ରାର୍ଥନା ଶୁଣି ଆମକୁ ଓ ଜଗତକୁ ଏହି ଭୂତାଣୁର ଭୟଙ୍କର ଆକ୍ରମଣରୁ ରକ୍ଷା କରିବେ ।

ସମଗ୍ର ପୃଥିବୀର ଧାର୍ମିକ ଲୋକମାନେ ଓ ଈଶ୍ୱରଙ୍କ ଦାସମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ସମ୍ମୁଖରେ ଏକ ଭଗ୍ନ ହୃଦୟର ସହିତ ଦୟା ଭିକ୍ଷା କରୁଛନ୍ତି । ଲୋକମାନେ ସେମାନଙ୍କ ଗୃହ ମଧ୍ୟରୁ ବାହାରି ଆସି ରାସ୍ତା ଉପରେ ଆଣ୍ଠୁ ଭାଙ୍ଗି କିମ୍ବା ମୁହଁ ମାଡ଼ି ତଳେ ପଡ଼ି ଓ ହାତକୁ ଉର୍ଦ୍ଧ୍ୱକୁ ଟେକି ପ୍ରଭୁଙ୍କ ନିକଟରେ ନିବେଦନ କରୁଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହେଉଅଛି । ସେମାନେ ଅତ୍ୟଧିକ ଯନ୍ତ୍ରଣା ଓ କଷ୍ଟର ଅନୁଭୂତି ପାଇଛନ୍ତି ।

ଏହି ପ୍ରାର୍ଥନାଗୁଡ଼ିକ ଆମକୁ ଏଜ୍ରାଙ୍କର ସେହି ପ୍ରାର୍ଥନାକୁ ସ୍ମରଣ କରାଇ ଦିଏ, ଯାହା ସେ ବାବିଲୋନୀୟ ନିର୍ବାସନରୁ ଫେରିବା ପରେ କରିଥିଲେ । ପବିତ୍ର ବଂଶ କଳୁଷିତ ହେବାର ଓ ଆତ୍ମିକ ଓ ନୈତିକ ଅଧଃପତନ ଘଟିବାର ସେ ଦେଖିଥିଲେ । ସେ ଉପବାସରେ ବସିଲେ ଓ ଉପବାସରୁ ଉଠିବା ସମୟରେ ତାଙ୍କର ବସ୍ତ୍ର ଚିରା ଥିଲା । ସେ ନିଜର ଆଣ୍ଠୁପାତି ସଦାପ୍ରଭୁଙ୍କ ଆଡ଼େ ହସ୍ତ ବିସ୍ତାର କରିଥିଲେ । ସେ ତାଙ୍କର (ଈଶ୍ୱରଙ୍କ) ଆଶୀର୍ବାଦ, ତାଙ୍କର ସତର୍କବାଣୀ ଓ ଲୋକମାନଙ୍କର ପାପ ସବୁ ସ୍ମରଣ କରିଥିଲେ । ସେ ଏହି ପ୍ରାର୍ଥନା କରିଥିଲେ, ''ହେ ସଦାପ୍ରଭୋ, ଇସ୍ରାଏଲର ପରମେଶ୍ୱର, ତୁମ୍ଭେ ଧର୍ମମୟ ଅଟ, କାରଣ ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ରକ୍ଷା ପାଇ ଅବଶିଷ୍ଟ ଅଛୁ, ଦେଖ, ଆମ୍ଭେମାନେ ତୁମ୍ଭ ସାକ୍ଷାତରେ ନିଜ ଦୋଷରେ ଦୋଷୀ ହୋଇଅଛୁ, କାରଣ ତହିଁ ସକାଶୁ କେହି ତୁମ୍ଭ ଛାମୁରେ ଠିଆ ହୋଇପାରେ ନାହିଁ'' (ଏଜ୍ରା ୯:୧୫) । ଲୋକମାନେ ସେମାନଙ୍କ ପାପ ପାଇଁ ଅନୁତାପ କରିଥିଲେ ଓ ସେହି ସମୟରେ ଗୋଟିଏ ନବ ଜାଗରଣ ଆସିଥିଲା ।

ଯଦିଓ ମଣ୍ଡଳୀଗୁଡ଼ିକରେ ସରକାରୀ ପ୍ରତିବନ୍ଧକ ଯୋଗୁ ଗଣ ପ୍ରାର୍ଥନା ଓ ଉପାସନା ଅନୁଷ୍ଠିତ ହେଉ ନାହିଁ, ତଥାପି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକମାନଙ୍କ ପ୍ରତି ଦୟା ଦେଖାଇବା ପାଇଁ ସୀମିତ ସଦସ୍ୟଙ୍କୁ ନେଇ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ଓ ତାଙ୍କର ଆରାଧନା କରୁଛନ୍ତି । କେତେ ଜଣ ଦୂରଦର୍ଶନ, ୟୁଟ୍ୟୁବ, ହ୍ୱାଟସ-ଆପ୍ ମାଧ୍ୟମରେ ଏହାର ସିଧା ପ୍ରସାରଣ କରୁଛନ୍ତି । ଏଗୁଡ଼ିକ ଆମ ସମବେତ ପ୍ରାର୍ଥନାର ବିକଳ୍ପ ନୁହେଁ ।

ପ୍ରିୟ ବନ୍ଧୁଗଣ, ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ମଧ୍ୟ ଆମର ଦୈନନ୍ଦିନ ମଣ୍ଡଳୀ ସେବା ପରିଚାଳନା କରିପାରୁ ନ ଥିବାରୁ ଏକ ଭାରୀ ହୃଦୟ ସହିତ ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଅଛି । କିନ୍ତୁ, ଆମେ ଅଳ୍ପ ସଂଖ୍ୟକ ସଦସ୍ୟଙ୍କୁ ନେଇ ଉପାସନା ଓ ପ୍ରାର୍ଥନା କରୁଅଛୁ ଓ ଅତି ଦାୟିତ୍ୱର ସହିତ ୟୁ-ଟ୍ୟୁବ ଓ ହ୍ୱାଟସ୍-ଆପ୍ ମାଧ୍ୟମରେ ଆମର ସମସ୍ତ ସଦସ୍ୟ ଓ ଲୋକମାନଙ୍କ ନିକଟରେ ଏହାକୁ ପ୍ରସାରଣ କରୁଅଛୁ । ଆମର କୌଣସି ସଦସ୍ୟଙ୍କୁ ଯେପରି ଏହି ଭୂତାଣୁ ସ୍ପର୍ଶ କରିବ ନାହିଁ ଓ ଅତିଶୀଘ୍ର ସମଗ୍ର ବିଶ୍ୱ ଯେପରି ଏଥିରୁ ମୁକ୍ତ ହେବ, ଏହା ଆମର ମୁଖ୍ୟ ଚିନ୍ତା ଓ ପ୍ରାର୍ଥନା ଅଟେ । ଈଶ୍ୱର କିପରି ମିସରରେ ତାଙ୍କ ଲୋକମାନଙ୍କୁ ମହାମାରୀଗୁଡ଼ିକରୁ, ବିଶେଷ ଭାବରେ, ଦଶମ ମହାମାରୀରୁ ଉଦ୍ଧାର କରିଥିଲେ, ତାହା ଆମେ ପ୍ରାର୍ଥନାରେ ସ୍ମରଣ କରୁ । ଆମେ ଦୃଢ଼ ବିଶ୍ୱାସ କରୁ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ସେତେବେଳେ ଇସ୍ରାଏଲକୁ ରକ୍ଷା କରିଥିବା ମେଷଶାବକର ରକ୍ତ ଅପେକ୍ଷା ଅତ୍ୟଧିକ ଶକ୍ତିପୂର୍ଣ୍ଣ ଅଟେ । ପ୍ରଭୁଙ୍କ ନାମରେ ଓ ମେଷଶାବକଙ୍କ ରକ୍ତରେ, ଆମେ ସୁରକ୍ଷା ଦାବୀ କରୁଅଛୁ ।

## ଦରିଦ୍ରମାନଙ୍କୁ ସ୍ମରଣ କରନ୍ତୁ

ତାଲାବନ୍ଦ ସମୟରେ, ସମଗ୍ର ପୃଥିବୀର ଛୋଟ ବଡ଼ ପ୍ରାୟ ସମସ୍ତ କାରଖାନା ବନ୍ଦ ରହିବା ଫଳରେ ଲକ୍ଷ ଲକ୍ଷ ଲୋକ ଚାକିରୀ ହରାଇ ଦେଇଛନ୍ତି । କେତେକ ଲୋକ କିଛି ଦିନ ପାଇଁ ନିଜ ନିଜକୁ ସମ୍ଭାଳି ପାରିଛନ୍ତି, ମାତ୍ର ଅନ୍ୟମାନେ ଆରମ୍ଭରୁ ଘୋର ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଈଶ୍ୱରଙ୍କ ବାକ୍ୟ କହେ, ''କାରଣ ଦେଶରୁ ଦରିଦ୍ରମାନେ କେବେ ହେଁ ଲୋପ ପାଇବେ ନାହିଁ, ଏନିମନ୍ତେ ମୁଁ ତୁମ୍ଭକୁ ଆଜ୍ଞା ଦେଇ କହୁଅଛି, ତୁମ୍ଭେ ନିଶ୍ଚୟ ଆପଣା ଦେଶସ୍ଥ ଭାଇ ପ୍ରତି, ଆପଣା ଦୁଃଖୀ ପ୍ରତି ଓ ଆପଣା ଦୀନହୀନ ପ୍ରତି ଆପଣା ହସ୍ତ ମୁକ୍ତ କରିବ'' (ଦ୍ୱି.ବିବରଣ ୧୫:୧୧) ।

ଈଶ୍ୱରଙ୍କ ବାକ୍ୟରେ ଯେପରି ଅଛି, ସେହିପରି ଆମ ଚତୁର୍ଦ୍ଦିଗରେ ଦରିଦ୍ର ଓ ଅଭାବଗ୍ରସ୍ତମାନେ ଅଛନ୍ତି । ଆମ ମଧ୍ୟରୁ କେତେ ଜଣ ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କୁ ସାହାଯ୍ୟ କରିବା ସ୍ଥିତିରେ ଥାଇପାରନ୍ତି । ସେଥିପାଇଁ, ଆସନ୍ତୁ, ଆମେ ଆମର ଭାଇ ଓ ଭଉଣୀମାନଙ୍କ ପ୍ରତି ଆମର ହସ୍ତ ପ୍ରଶସ୍ତ କରି ଉନ୍ମୁକ୍ତ କରିବା । ''ଯେ ଦରିଦ୍ରକୁ ଦୟା କରେ, ସେ ସଦାପ୍ରଭୁଙ୍କୁ ଋଣ ଦିଏ, ପୁଣି, ସେ ତାହାର ଉତ୍ତମ କର୍ମର ପରିଶୋଧ କରିବେ'' (ହିତୋପଦେଶ ୧୯:୧୭) ।

ସରକାରୀ ସାହାଯ୍ୟ ବ୍ୟତୀତ, ବହୁସଂଖ୍ୟକ ବେସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅଭାବଗ୍ରସ୍ତ ଓ ଦରିଦ୍ରମାନଙ୍କ ପ୍ରତି ସାହାଯ୍ୟର ହସ୍ତ ବଢ଼ାଇଛନ୍ତି, ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ମଧ୍ୟ ଆମ ମଣ୍ଡଳୀର ଓ ବାହାରର ଅନେକ ଦରିଦ୍ର ଭାଇ ଭଉଣୀ ପାଇଁ ସାହାଯ୍ୟ ଯୋଗାଇବାର ବ୍ୟବସ୍ଥା କରିଅଛି । ଏହିପରି ବିଶାଳ ହୃଦୟର ଲୋକମାନଙ୍କୁ ଈଶ୍ୱର ସ୍ମରଣ କରିବେ ଓ ସେମାନଙ୍କୁ ବହୁଗୁଣରେ ପରିଶୋଧ କରିବେ ।

ଆମର ଦୟା ଓ ଅନୁଗ୍ରହର ଈଶ୍ୱର ଆମର ପ୍ରାର୍ଥନା ଶୁଣି ସାରିଛନ୍ତି ବୋଲି ଆମର ବିଶ୍ୱାସ । ଏହାକୁ ଦେଶ ମଧ୍ୟରେ ଦେଖାଯାଇପାରେ । ଯଦିଓ ଭୂତାଣୁର ସଂକ୍ରମଣ ବୃଦ୍ଧି ପାଉଅଛି, ତଥାପି ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି ଓ ସୁସ୍ଥତାର ହାର ବୃଦ୍ଧି ପାଉଛି । ଭାରତ ଭଳି ଅନେକ ଦେଶ ଅର୍ଥନୈତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ତାଲା ବନ୍ଦ ସ୍ଥିତିରୁ ଧୀରେ ଧୀରେ ବାହାରିବାର ପଦକ୍ଷେପ ନେଉଛନ୍ତି । କେତେକ ଦେଶ ସୁସ୍ଥ ହେବା ପଥରେ ରହିଛନ୍ତି । ଆମେ ଅତି ଉଦ୍‌ଯୋଗର ସହିତ ଏହି ପ୍ରାର୍ଥନା କରୁ ଯେପରି ପ୍ରଭୁ ସଙ୍ଗେ ସଙ୍ଗେ ଭୂତାଣୁର ସଂପ୍ରସାରଣ ସ୍ଥଗିତ କରିବେ ଓ ପୂର୍ବପରି ଦେଶଗୁଡ଼ିକର ଅର୍ଥନୀତିକୁ ପୁନର୍ଜୀବିତ କରିବେ । ଈଶ୍ୱର ଅତି ଶୀଘ୍ର ଏହା କରିବେ ବୋଲି ଆମେ ବିଶ୍ୱାସ କରୁ ।

ଆମର ପ୍ରଭୁ ଜଣେ ଅତି ଉପାସନା ପ୍ରିୟ ଅଟନ୍ତି ? ତାଙ୍କ ମଣ୍ଡଳୀଗୁଡ଼ିକ ବନ୍ଦ ହୋଇ ରହିବାରେ ସେ ଆଦୌ ଖୁସି ହେବେ ନାହିଁ । ତାଙ୍କ ଲୋକମାନେ ମଣ୍ଡଳୀ ଗୁଡ଼ିକରେ ବହୁସଂଖ୍ୟାରେ ଏକତ୍ରିତ ହୁଅନ୍ତୁ, ତାଙ୍କ ସମ୍ମୁଖରେ ସେମାନଙ୍କର ହୃଦୟ ଢ଼ାଳି ଦିଅନ୍ତୁ ଓ ତାଙ୍କ ବେଦି ସମ୍ମୁଖରେ ପ୍ରାର୍ଥନା ରୂପକ ସୁଗନ୍ଧି ଉର୍ଦ୍ଧ୍ୱକୁ ଉଠାନ୍ତୁ ବୋଲି ସେ ଇଚ୍ଛା କରନ୍ତି, ସେ ସେମାନଙ୍କର ପ୍ରାର୍ଥନା ଶୁଣି ସନ୍ତୁଷ୍ଟ ହୁଅନ୍ତି ଓ ଅନୁଗ୍ରହ ଓ ଆଶୀର୍ବାଦ ପ୍ରେରଣ କରନ୍ତି । ଈଶ୍ୱର ପ୍ରତ୍ୟେକ ବିଶ୍ରାମବାରରେ ତାଙ୍କର ଦାସମାନଙ୍କ, ପାଳକମାନଙ୍କ ମାଧ୍ୟମରେ ତାଙ୍କର ବାକ୍ୟ ଜଣାନ୍ତି । ତାଙ୍କ ବାକ୍ୟ ସମଗ୍ର ସପ୍ତାହ ପାଇଁ ମେଷଗୁଡ଼ିକ ନିମନ୍ତେ ଯଥେଷ୍ଟ ଖାଦ୍ୟ ଓ ପାନୀୟ ଯୋଗାଏ । ଏହା ବ୍ୟାଟେରୀ ଭଳି ପ୍ରତ୍ୟେକ ସପ୍ତାହ ଆତ୍ମିକ ପୁନଃ ଶକ୍ତି ଯୋଗାଣ ଅଟେ । ଯୀଶୁ କହିଥିଲେ, ''ମୋ' ମେଷସବୁ ମୋହର ରବ ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି'' (ଯୋହନ ୧୦:୨୭) ।

ପ୍ରିୟ ବନ୍ଧୁ, ଆମେ ଅତି ଶୀଘ୍ର ଏହି ମହାମାରୀ ମଧ୍ୟରୁ ବାହାରି ଆସିବା । ଆମେ ଅତିଶୀଘ୍ର ଅଧିକ ଶକ୍ତି ଓ ସମର୍ପଣର ସହିତ ପ୍ରଭୁଙ୍କର ଉପାସନା କରିବା । ଆମର ଲୋକମାନେ ତାଙ୍କର ବାକ୍ୟ ଶୁଣିବେ । ଆମର ଅର୍ଥନୀତି

ଅତିଶୀଘ୍ର ସୁଦୃଢ଼ ହେବ ଓ ଆମର ଲୋକମାନେ ପ୍ରଭୁଙ୍କ ହସ୍ତରେ ସେମାନଙ୍କ ଚାକିରୀ ଓ ସେମାନଙ୍କର ଜୀବିକା ସମ୍ବନ୍ଧୀୟ ଭରସା ପ୍ରାପ୍ତ ହେବେ । ଦେଶରେ ଅଧିକ ଆନନ୍ଦ ହେବ ।

ଆମେ ବିଶ୍ୱାସ କରୁଛୁ ଯେ ଆମର ପ୍ରଭୁ ଈଶ୍ୱରଙ୍କର ଉପାସନା କରିବାରେ ଗୋଟିଏ ନୂତନ ଧାରା ଜଗତ ମଧ୍ୟରେ ଆରମ୍ଭ ହେବ । ଲୋକମାନେ ଅଧିକ ଉତ୍ସାହ ଓ ସମର୍ପଣ ସହିତ ତାଙ୍କ ସମ୍ମୁଖକୁ ଆସିବେ । ଈଶ୍ୱରଙ୍କ ଦାସମାନେ ମଧ୍ୟ ଅଧିକ ସମର୍ପଣ ଓ ତ୍ୟାଗ ସହିତ ନିଜ ନିଜକୁ ପୁନଃ ଉତ୍ସର୍ଗୀକୃତ କରିବା ଆବଶ୍ୟକ । ସମସ୍ତେ ଜଗତ ପଛରେ ନୁହେଁ, ମାତ୍ର ଯୀଶୁଙ୍କ ପଛରେ ଦୌଡ଼ିବା ଉଚିତ । ଆମ ଜୀବନଶୈଳୀ ପରିବର୍ତ୍ତିତ ହେବା ଉଚିତ । ସମସ୍ତ ଉପାସନା-ନେତା ଓ ପ୍ରଚାରକମାନଙ୍କର ଗୋଟିଏ କଠୋର ପୋଷାକ ସଂହିତା (ନିୟମ) ରହିବା ଉଚିତ । ଈଶ୍ୱରଙ୍କ ବେଦି ବଳିଦାନ ଶିକ୍ଷା ଦିଏ । ଈଶ୍ୱର ବିଳମ୍ୱ ହେବା ପୂର୍ବରୁ ଆମର ମାର୍ଗଗୁଡ଼ିକୁ ସଂଶୋଧନ କରିବା ପାଇଁ ଏହାକୁ ଏକ ସୁଯୋଗ ଭାବରେ ମଧ୍ୟ ପ୍ରଦାନ କରିଛନ୍ତି ।

ପ୍ରକୃତରେ, ଆମେ ଗୋଟିଏ ନୂତନ ଧାରା, ଗୋଟିଏ ନୂତନ ଜଗତ ପାଇଁ ଯାତ୍ରାରମ୍ଭ କରିଛୁ । ପୃଥିବୀ କେବେହେଲେ ପୂର୍ବ ପରି ଆଉ ରହିବ ନାହିଁ । ‘‘ପୁଣି ସଦାପ୍ରଭୁଙ୍କର ନିସ୍ତାରିତ ଲୋକମାନେ ଫେରି ଆସିବେ ଓ ଗାନ କରୁ କରୁ ସିୟୋନରେ ଉପସ୍ଥିତ ହେବେ ଓ ନିତ୍ୟସ୍ଥାୟୀ ଆନନ୍ଦ ସେମାନଙ୍କ ମସ୍ତକର ଭୂଷଣ ହେବ । ସେମାନେ ଆନନ୍ଦ ଓ ଆହ୍ଲାଦ ପ୍ରାପ୍ତ ହେବେ, ପୁଣି ଶୋକ ଓ ଆର୍ତ୍ତସ୍ୱର ଦୂରକୁ ପଳାଇଯିବ’’ (ଯିଶାଇୟ ୩୫:୧୪) । ସଦାପ୍ରଭୁ ମହତ୍ କର୍ମ ସାଧନ କରିବେ । ସେ ଆପଣମାନଙ୍କର ସମସ୍ତ ଅଶ୍ରୁ ପୋଛି ନେବେ ।

‘‘ହେ ଦେଶ, ଭୟ କର ନାହିଁ, ଉଲ୍ଲସିତ ହୋଇ ଆନନ୍ଦ କର, କାରଣ ସଦାପ୍ରଭୁ ମହତ୍ କର୍ମମାନ କରିଅଛନ୍ତି ।’’

## ଗୋଟିଏ ପ୍ରେମ ପୂର୍ଣ୍ଣ ଅନୁରୋଧ

ଆପଣମାନେ ଜାଣନ୍ତି ଯେ ଆମେ ବର୍ତ୍ତମାନ କର୍ମଚାରୀମାନଙ୍କର ଦରମା, କାଗଜ କ୍ରୟ ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ ଭଳି ଅନେକ ଆବଶ୍ୟକତା ପୂରଣ କରିବା ନିମନ୍ତେ ଅତି ଚାପଗ୍ରସ୍ତ ଅଟୁ । ସାଧାରଣ ଭାବରେ, ଆମର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ପାଇଁ ଆମେ କାହାରିଠାରୁ କିଛି ମାଗି ନ ଥାଉ । ମାତ୍ର ଏହି ପରିସ୍ଥିତିରେ ଏହି ସେବା କାର୍ଯ୍ୟକୁ ଭଲ ପାଉଥିବା ବ୍ୟକ୍ତିମାନଙ୍କୁ ଏହି ସେବାକାର୍ଯ୍ୟର ସହାୟତା ପାଇଁ ମନିଅର୍ଡର, ଚେକ୍ କିମ୍ବା ଡିମାଣ୍ଡଡ୍ରାଫ୍ଟ, ଫୋନ ପେ, କିମ୍ବା ଅନ୍ୟ ଯେ କୌଣସି ମାଧ୍ୟମରେ ଦାନ ପ୍ରେରଣ କରିବାକୁ ଆମେ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

*ସଂପାଦକ*
*ଆହ୍ୱାନର ପ୍ରତିଧ୍ୱନି*


# NEHEMIAH BIBLE COLLEGES

**ECHO OF HIS CALL MINISTRIES** (ESTD.: 1969)

**Affiliated to Hindustan Bible Institute & College (HBI), Chennai**

&

**Recognised by the International Christian Leaders & Senior Pastors for the 50 Years! Hundreds of candidates benefitted!!**

**RESIDENTIAL COLLEGE, Velachery**
**(Medium: English & Hindi)**
Course : Diploma in Theology,
Qualification : 10th Standard
Period : One year (with field and administrative trainings)

Golden Opportunity!

Don't miss!!

God is Calling you!!!

**EVENING COLLEGE, Chepauk & Santhoshapuram**
**(Medium : Tamil)**
Course : Diploma in Theology
*Monday, Tuesday & Thursday 6.30 PM to 8.30 PM*
(Evening Classes - Chepauk)
Qualification : 10th Standard
Period : One year (with special Seminars on holidays)

**Pastor S. Sam Selva Raj, Founder-President**

**For more details & application forms please contact :**

NEHEMIAH BIBLE COLLEGES

10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.

**Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852, 95661 31858**

**E.mail : sam@echoofhiscall.org / biblecor@yahoo.co.in Websites : www.echoofhiscall.org / www.echoofhiscall.com**



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**''ଯେହେତୁ ସଦାପ୍ରଭୁ ତୁମ୍ଭର ବିଶ୍ୱାସ ଭୂମି ହେବେ, ସେ ତୁମ୍ଭର ପାଦ ଫାନ୍ଦରୁ ରକ୍ଷା କରିବେ'' (ହିତୋପଦେଶ ୩:୨୬) ।**

Faith Prayer and Tracts Leagueର ଭାଇ ଶାମୁୟେଲ ଦାନିୟେଲ ଓ ଭାଇ ଆର୍. ଜେମ୍ସରୋନାଲ୍ଡ୍‌ଙ୍କ ସହିତ ମିଶି ସ୍କ୍ରିପଚର୍ ଗିଫ୍ଟ ମିଶନ ଦ୍ୱାରା ପ୍ରକାଶିତ ହେଉଥିବା ସୁସମାଚାର ପତ୍ରିକା ଓ ଛୋଟ ଛୋଟ ପୁସ୍ତକ ଗୁଡ଼ିକୁ ରାସ୍ତାରେ, ବଜାରରେ, ସମୁଦ୍ର କୂଳରେ, ରେଳଷ୍ଟେସନରେ, ବସ୍ ଷ୍ଟପ୍‌ରେ ସବୁଦିନ ସନ୍ଧ୍ୟା ସମୟରେ, ନିୟମିତ ଭାବେ ବାଣ୍ଟିବା ମୋର ଗୋଟିଏ ଅଭ୍ୟାସ ଥିଲା । ମୁଁ ସରକାରୀ କର୍ମଚାରୀ ଭାବରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାରୁ ଓ ସନ୍ଧ୍ୟାରେ ରାତ୍ରି ପର୍ଯ୍ୟନ୍ତ ସୁସମାଚାର ପତ୍ରିକା ବାଣ୍ଟୁ ଥିବାରୁ, ଲୋକମାନେ ମୋତେ ଗୋଟିଏ ପାଗଳ ବ୍ୟକ୍ତି ବୋଲି କହୁଥିଲେ । ସେଥିପାଇଁ, ସେମାନେ ମୋତେ ଗୋଟିଏ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ ଓ ମୋତେ ଏଡ଼ାଇ ଯିବା ପାଇଁ ଓ ମୋ' ଠାରୁ ଦୂରରେ ରହିବା ପାଇଁ ଚେଷ୍ଟା କରୁଥିଲେ । ମାତ୍ର ମୁଁ ମୋର ସେବାକାର୍ଯ୍ୟ ଅବ୍ୟାହତ ରଖିଥିଲି । କେତେକ ସମୟରେ, ମୁଁ ଏକାଥରେ ୧୫ ରୁ ୨୦ କିମି ଚାଲି ଚାଲି ଲୋକମାନଙ୍କୁ ସୁସମାଚାର ପତ୍ରିକା ବାଣ୍ଟୁଥିଲି । ମାତ୍ର ମୋର ନୂତନ ବନ୍ଧୁମାନଙ୍କୁ ଏକତ୍ରିତ କରି ସେମାନଙ୍କ ସହିତ ଈଶ୍ୱରଙ୍କ ବିଷୟରେ କଥାବାର୍ତ୍ତା କରିବା ପାଇଁ ମୋ' ନିକଟରେ କୌଣସି ଯଥାର୍ଥ ସ୍ଥାନ ନ ଥିଲା ।

୧୯୭୩ ମସିହାରେ, ଦିନେ ଯେତେବେଳେ ମୁଁ ବଜାରରେ କେତେକ ଲୋକଙ୍କୁ ସୁସମାଚାର ପତ୍ରିକା ଦେଇ ସେମାନଙ୍କୁ ସୁସମାଚାର ବିଷୟରେ ବୁଝାଉଥିଲି, ସେତେବେଳେ ସେମାନେ ମୋ' ଆଡ଼କୁ ଆସି ମୋତେ ଅସ୍ୱାଭାବିକ ପ୍ରଶ୍ନ ସବୁ ପଚାରିଲେ ଓ ମୋତେ ଶାରୀରିକ ଭାବରେ ଆକ୍ରମଣ କରିବାକୁ ଚେଷ୍ଟା କଲେ । ମୁଁ ନିଃସଙ୍ଗତା ଅନୁଭବ କରୁଥିଲି । ଏପରିକି ଗୋଟିଏ ସମୟରେ, ମୁଁ ଭୟଭୀତ ହୋଇ, ସ୍ୱର୍ଗ ଦିଗକୁ ଚାହିଁ ଈଶ୍ୱରଙ୍କର ସାହାଯ୍ୟ ମାଗିଥିଲି । ମୋତେ ରକ୍ଷା କରିବା ପାଇଁ ସେଠାରେ କେହି ଖ୍ରୀଷ୍ଟିୟାନ୍ ଭାଇ ନାହାଁନ୍ତି ଓ ସେହି ଦିନ ସନ୍ଧ୍ୟାରେ ମୋ' ପ୍ରତି କିଛି ଅଘଟଣ ଘଟିବ ବୋଲି ମୁଁ ଜାଣିଥିଲି । ମୋର ଗୋଡ଼ ହାତ ଥରିବାକୁ ଆରମ୍ଭ କରିଥିଲା ।

ହଠାତ୍ ଜଣେ ଯୁବକ ଆସି ମୋ' ସମ୍ମୁଖରେ ଠିଆ ହେଲେ ଓ ପଚାରିଲେ, ''ଆପଣ କିଏ ?'' ମୁଁ ଉତ୍ତର ଦେଲି, ''ମୁଁ ସର୍ବଶକ୍ତିମାନ ଈଶ୍ୱର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଦୀନହୀନ ଦାସ ଅଟେ ।'' ସେ ପଚାରିଲେ, ''ଆପଣ କିପରି ଏଠାରେ ଏହିପରି ଗଣ୍ଡଗୋଳ ସୃଷ୍ଟି କରି ପାରୁଛନ୍ତି ?'' ମୁଁ କହିଲି , ''ମହାଶୟ, ମୁଁ ଏଠାରେ କାହାରିକୁ ହଇରାଣ କରୁ ନାହିଁ । ଏହି ଅଞ୍ଚଳରେ ଥିବା ମୋର ଲୋକମାନେ ସେମାନଙ୍କ ପାପ ଓ ଖ୍ରୀଷ୍ଟବିହୀନ ଜୀବନ ଯୋଗୁ ଅନନ୍ତ ଅଗ୍ନି ଆଡ଼କୁ ଅଗ୍ରସର ହେଉଛନ୍ତି, ମୁଁ ସେମାନଙ୍କ ନିକଟରେ ଏହି ଜଗତରେ ଓ ଅନନ୍ତକାଳ ମଧ୍ୟରେ ଏକ ସୁଖକର ଜୀବନ ପାଇଁ ବାସ୍ତବ ମାର୍ଗର ପ୍ରଚାର କରୁଅଛି ।'' ହଠାତ୍, ସେ ମୋ' ଚତୁର୍ଦ୍ଦିଗରେ ପରିବେଷ୍ଟିତ ଲୋକମାନଙ୍କ ଭିତରେ ମୋତେ କୁଣ୍ଢେଇ ଧରି ଚୁମ୍ବନ ଦେଲେ । ଏହାପରେ ନିଜର ପରିଚୟ ଦେଇ କହିଲେ ଯେ ତାଙ୍କର ନାମ ଶ୍ରୀଯୁକ୍ତ ଜ୍ଞାନସିଂହ ମନୀ ଓ ସେ ଚେନ୍ନାଇ – ୧୪ର ରୋୟେପେଟ୍ଟା ସ୍ଥିତ ୱେସଲୀ ମଣ୍ଡଳୀର ସଦସ୍ୟ ଅଟନ୍ତି । ସେ ସେହିଦିନ ସେହି ଲୋକମାନଙ୍କଠାରୁ ମୋତେ ରକ୍ଷା କରିଥିଲେ ।

ଏହାପରେ, ସେ ମୋତେ ତାଙ୍କ ଗୃହକୁ ନେଇ ''ମହମ୍ମଦ ହୁସେନ୍ ଷ୍ଟ୍ରିଟ'' ଠାରେ ଥିବା ତାଙ୍କ ନିବାସ ସ୍ଥାନର ଗୋଟିଏ ଅଞ୍ଚଳ, ମୋର ସାପ୍ତାହିକ ପ୍ରାର୍ଥନା ସଭା ଚଳାଇବା ପାଇଁ ମୋତେ ଦେଇଥିଲେ । ମୋର ଯତ୍ନ ନେବା ପାଇଁ ଓ ସେବାକାର୍ଯ୍ୟରେ ମୋତେ ସାହାଯ୍ୟ କରିବା ପାଇଁ, ସେ ତାଙ୍କର ପତ୍ନୀ ଶ୍ରୀମତୀ ଆଞ୍ଜେଲାଇନ୍ ଓ ତାଙ୍କର ଛୋଟ ପୁତ୍ର କନ୍ୟାଙ୍କୁ କହିଥିଲେ । ସେ ମୋତେ ୪୦ ବର୍ଷ ଧରି ପ୍ରେମ, ସହାୟତା ମାଧ୍ୟମରେ ସାହାଯ୍ୟ କରି ଆସୁଥିଲେ । ଶେଷରେ, ୨୦୧୨ ଅକ୍ଟୋବରରେ, ସେ ଈଶ୍ୱରଙ୍କ ଗୌରବ ମଧ୍ୟରେ ପ୍ରବେଶ କରିଥିଲେ । ଈଶ୍ୱର ଏହି ଦାସଙ୍କ ପ୍ରତି ତାଙ୍କର ଯତ୍ନକୁ ସମ୍ମାନିତ କରିଥିଲେ ଓ ତାଙ୍କର ପତ୍ନୀ ଓ ଦୁଇଟି ସନ୍ତାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରିଥିଲେ ।

ଈଶ୍ୱର କହିଛନ୍ତି, ''ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ମୋର ଏହି କ୍ଷୁଦ୍ରତମ ଭାଇମାନଙ୍କ ମଧ୍ୟରୁ ଜଣଙ୍କ ପ୍ରତି ଏହା କରେ, ସେ ମୋ' ପ୍ରତି ହିଁ ଏହା କରେ ।'' ଦୟାକରି ଅନ୍ୟମାନଙ୍କ ପ୍ରତି, ବିଶେଷ ଭାବରେ ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରତି ଉତ୍ତମ କର୍ମ କରନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବଦା କରନ୍ତୁ ।


## ବାଇବଲ କୋର

## ଚିଠିପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନମାନଙ୍କୁ ବାଇବଲ ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ । ଆପଣମାନେ ''ଆପଣମାନଙ୍କ ନିମନ୍ତେ ନୂତନ ଜୀବନ'' ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ୍ୟ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏହି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ

ଆପଣ ଅଳ୍ପ ସପ୍ତାହ ମାଧ୍ୟମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ ।

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ

**Address - The Chairman, Nehemiah Bible College,**

**ECHO OF HIS CALL**

10, Mohammed Abdullah 2nd Street,Opp. Cricket Stadium, Chepauk, Chennai - 600 005, India
Phone : ( 044) 2852 8282 / 2852 9293 , Cell : 9841071852. , E-Mail : sam@echoofhiscall.org

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street,
Chepauk, Chennai - 600 005, India
Phone : ( +91-44) 2852 8282 / 2852 9293
Mob - 9841071852, 95661 31858
E-Mail : sam@echoofhiscall.org/
biblecor@yahoo.co.in
Website: www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ଣ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ଣ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 5th AUGUST 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**